# ମାଟ୍ରିକ ପରୀକ୍ଷା ଫଳ : ଦୁଇଗୁଣା ପାଇଲେ 'ଏ-୧' ଗ୍ରେଡ୍

## ଜିଲ୍ଲାରେ ବିଶ୍ୱପ୍ରସାଦ ବଳ ଟପ୍ପର

**ସମ୍ବଲପୁର, ୨।୫ (ସମିସ)**

ଶନିବାର ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ସମ୍ବଲପୁର ଜିଲ୍ଲାରେ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ବିଶ୍ୱପ୍ରସାଦ ବଳ ୯୫ ପ୍ରତିଶତ (୫୭୦) ମାର୍କ ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି। ପୁଣିଥରେ ବେସରକାରୀ ସ୍କୁଲ ଛାତ୍ର ଜିଲ୍ଲାରେ ଟପ୍ପର ହୋଇଛନ୍ତି। ସମ୍ବଲପୁର ଜିଲ୍ଲାର ପାସ୍‌ହାର ରାଜ୍ୟର ପାସ୍‌ହାର ୯୫.୩୩% ଠାରୁ ଅଧିକ ରହିଛି। ଏହାସହ ପରୀକ୍ଷାଫଳରେ ଗଜପତି ଜିଲ୍ଲା ୯୯.୩୧% ସହ ଶୀର୍ଷରେ ରହିଥିବାବେଳେ ସମ୍ବଲପୁର ଜିଲ୍ଲା ଅଷ୍ଟମ ସ୍ଥାନରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୫ରେ ସମ୍ବଲପୁର ଜିଲ୍ଲାର ମାଟ୍ରିକ୍ ପାସ୍‌ହାର ୯୭.୨୬% ଥିବାବେଳେ ୨୦୨୪ରେ ୯୬.୭୩%, ୨୦୨୩ରେ ୯୬.୮୨%, ୨୦୨୨ରେ ୯୦.୯୬% ଏବଂ ୨୦୨୧ରେ ୯୭.୮୯% ରହିଥିଲା। ସେହିପରି ଚଳିତବର୍ଷ 'ଏ୧' ଗ୍ରେଡ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ସୁଧାର ଆସିଛି। ଏଥର ୪୧ ଜଣ ଛାତ୍ରଛାତ୍ରୀ 'ଏ୧' ପାଇଛନ୍ତି। ୨୦୨୫ରେ ମାତ୍ର ୧୯ ଜଣ ଏବଂ ୨୦୨୪ରେ ମାତ୍ର ୧୪ ଜଣ ଛାତ୍ରଛାତ୍ରୀ 'ଏ୧' ଗ୍ରେଡ୍ ପାଇଥିଲେ।

ଚଳିତ ମାଟ୍ରିକ୍ ପରୀକ୍ଷାରେ ସମ୍ବଲପୁର ଜିଲ୍ଲାରେ ମୋଟ ୧୧, ୫୭୦ ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦୭ ଜଣ ଅନୁପସ୍ଥିତଙ୍କୁ ବାଦ୍‌ଦେଲେ ୧୧, ୪୬୩ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୫, ୫୨୧ ଜଣ ଛାତ୍ର ଏବଂ ୫, ୬୮୯ ଜଣ ଛାତ୍ରୀଙ୍କୁ ମିଶାଇ ମୋଟ୍ ୧୧୨୧୦ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୭.୭୯% ରହିଛି। ଜିଲ୍ଲାରେ ୪୧ ଜଣ ପରୀକ୍ଷାର୍ଥୀ 'ଏ୧' ଗ୍ରେଡ୍ ପାଇଥିବାବେଳେ ୩୩୪ ଜଣ 'ଏ୨' ଗ୍ରେଡ୍, ୯୩୨ ଜଣ 'ବି୧', ୧୯୦୦ ଜଣ 'ବି୨', ୨୯୭୭ ଜଣ 'ସି', ୩୩୩୮ ଜଣ 'ଡି' ଏବଂ ୧୬୮୮ ଜଣ 'ଇ' ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାରେ ୨୫୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି।

ଚଳିତବର୍ଷ ଜିଲ୍ଲାରେ 'ଏ୧' ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେସରକାରୀ ସ୍କୁଲର ପ୍ରଦର୍ଶନ ଭଲ ରହିଛି। ସରକାରୀ ସ୍କୁଲରୁ ମୋଟ ୧୭ ଜଣ 'ଏ୧' ଗ୍ରେଡ୍ ପାଇଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନରୁ ୨୪ ଜଣ ପାଇଛନ୍ତି। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ସର୍ବାଧିକ ୮ ଜଣ ଛାତ୍ରଛାତ୍ରୀ 'ଏ୧' ଗ୍ରେଡ୍ ପାଇଥିବା ସୂଚନା ମିଳିଛି।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହୀରାକୁଦର ୩ ଜଣ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କୁଚିଣ୍ଡାର ୩ ଜଣ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚାଟୁଣୀର ଜଣେ, ଅରବିନ୍ଦ ସ୍କୁଲ ସମ୍ବଲପୁରର ଜଣେ, ଅରବିନ୍ଦ ସ୍କୁଲ କିନ୍ଦରାର ୨ ଜଣ, ଅରବିନ୍ଦ ସ୍କୁଲ ରେଢ଼ାଖୋଲର ୬ ଜଣ, ବିମ୍ବାଧର ହାଇସ୍କୁଲ, ବନ୍ଧକାନୀର ୩ ଜଣ, ସାନ ନୂଆପଡ଼ା ହାଇସ୍କୁଲର ୨ ଜଣ, ଜରାବଗା ହାଇସ୍କୁଲର ଜଣେ, ଗୋଗୁଆ ହାଇସ୍କୁଲର ୨ ଜଣ, କେନାଡ଼ିପା ହାଇସ୍କୁଲର ଜଣେ, ନାନକରାମ ହାଇସ୍କୁଲର ଜଣେ, ଠେଲକୋଲୋଇ ହାଇସ୍କୁଲର ଜଣେ, ଗିରିପାଲି ହାଇସ୍କୁଲର ଜଣେ, କିସିଣ୍ଡା ହାଇସ୍କୁଲର ଜଣେ, ମହମ୍ମଦପୁର ହାଇସ୍କୁଲର ଜଣେ, ଶୁଣ୍ଢିମୁଣ୍ଡା ଏସଏସଡିର ଜଣେ, ପିକେ ହାଇସ୍କୁଲ, ବଡ଼ବାହାଲର ଜଣେ ଏବଂ ବଳମ ହାଇସ୍କୁଲ, କେଲୋବଲମର ଜଣେ 'ଏ୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

### ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀ

| | | |
|---|---|---|
| ବିଶ୍ୱପ୍ରସାଦ ବଳ | ଧନୁପାଲି ଶିଶୁ ବିଦ୍ୟା ମନ୍ଦିର | ୫୭୦ |
| ଯଶୋବନ୍ତ ପ୍ରଧାନ | ରେଢ଼ାଖୋଲ ଏସ୍‌ଏଆଇଆଇଇ | ୫୬୪ |
| ନିହାରିକା ସାହୁ | ହୀରାକୁଦ ଶିଶୁ ବିଦ୍ୟା ମନ୍ଦିର | ୫୫୯ |
| ଶୁଭଶ୍ରୀ ଡାକୁଆ | ମହମ୍ମଦପୁର ହାଇସ୍କୁଲ | ୫୫୯ |
| ଶିବମ ଖର୍ସେଲ | କିନ୍ଦରା ଏସ୍‌ଏଆଇଆଇଇ | ୫୫୬ |
| ସ୍ୱନ୍ଦନଜିତ ଡେପୁଟି | ରେଢ଼ାଖୋଲ ଏସ୍‌ଏଆଇଆଇଇ | ୫୫୬ |
| ଅନୁରାଗ ସାହୁ | ଧନୁପାଲି ଶିଶୁ ବିଦ୍ୟା ମନ୍ଦିର | ୫୫୩ |
| ଶୁଭଶ୍ରୀ ନାୟକ | ଧନୁପାଲି ଶିଶୁ ବିଦ୍ୟା ମନ୍ଦିର | ୫୫୩ |
| ତନୁଜା ନାଏକ | ବିମ୍ବାଧର ହାଇସ୍କୁଲ ବନ୍ଧକାନି | ୫୫୩ |
| ସ୍ଥିତପ୍ରଜ୍ଞା ଧର | ଧନୁପାଲି ଶିଶୁ ବିଦ୍ୟା ମନ୍ଦିର | ୫୫୨ |
| ଶ୍ୱେତଲୀନା ମହାନ୍ତି | ହୀରାକୁଦ ଶିଶୁ ବିଦ୍ୟା ମନ୍ଦିର | ୫୫୧ |
| କାଶ୍ୟପ ମହାପାତ୍ର | ହୀରାକୁଦ ଶିଶୁ ବିଦ୍ୟା ମନ୍ଦିର | ୫୫୧ |
| କାଶ୍ୟପ ମହାପାତ୍ର | ହୀରାକୁଦ ଶିଶୁ ବିଦ୍ୟା ମନ୍ଦିର | ୫୫୧ |
| ସ୍ୱର୍ଣ୍ଣପ୍ରକାଶ ବିଶ୍ୱାଳ | ରେଢ଼ାଖୋଲ ଏସ୍‌ଏଆଇଆଇଇ | ୫୫୧ |
| ତନୟା ନାଏକ | ବିମ୍ବାଧର ହାଇସ୍କୁଲ ବନ୍ଧକାନି | ୫୫୦ |
| ସତ୍ୟଜିତ ଦାଶ | ଜରାବଗା ହାଇସ୍କୁଲ | ୫୫୦ |
| ରଶ୍ମି ରଞ୍ଜନ ସାହୁ | ବଳମ ହାଇସ୍କୁଲ କେଲୋବଲମ | ୫୫୦ |

### କଲେକ୍ଟର ହେବି : ବିଶ୍ୱ ପ୍ରସାଦ



ଦିନକୁ ମୁଁ ପ୍ରାୟ ୫ରୁ ୬ ଘଣ୍ଟା ପାଠ ପଢୁଥିଲି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବହୁ ଅବଦାନ ରହିଛି। ସେମାନେ ସନ୍ଦେହ ମୋଚନଠାରୁ ଆରମ୍ଭ କରି ବାରମ୍ବାର ପରୀକ୍ଷା କରି ସଫଳତା ଦିଗରେ ମାର୍ଗଦର୍ଶନ କରିଥିଲେ। ମୋର ବାପା, ମା' ମଧ୍ୟ ସବୁ ସମୟରେ ଦିଗଦର୍ଶନ କରିଛନ୍ତି। ମୁଁ ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ କଲେକ୍ଟର ହୋଇ ଲୋକଙ୍କ ସେବା କରିବି ବୋଲି କହିଛନ୍ତି ସମ୍ବଲପୁର ଜିଲ୍ଲା ଟପ୍ପର ବିଶ୍ୱ ପ୍ରସାଦ ବଳ। ତାଙ୍କ ବାପା ସରୋଜ କୁମାର ବଳ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହୋଇଥିବାବେଳେ ମା' ଜଣେ ଗୃହିଣୀ। ଆଗକୁ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ବିଶ୍ୱ ପ୍ରସାଦ ପାଠ୍ୟପୁସ୍ତକ ଉପରେ ଫୋକସ୍ କରିବା ସହ ବିଜ୍ଞାନ ଓ ଇତିହାସ, ଭୂଗୋଳ ଆଦିକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଛନ୍ତି।

## ପଶ୍ଚିମ ଓଡ଼ିଶାର ୯ ଜିଲ୍ଲାରେ ମାଟ୍ରିକ ପାସ୍‌ହାର ୯୭.୨୦%

# କଳାହାଣ୍ଡିରେ ସର୍ବାଧିକ ୧୧୮ 'ଏ-୧', ଦେବଗଡ଼ରେ ମାତ୍ର ୬

**ସମ୍ବଲପୁର, ୨।୫ (ସମିସ):** ଗୁରୁବାର ମାଟ୍ରିକ ଫଳାଫଳ ପ୍ରକାଶିତ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦର ସମ୍ବଲପୁର ଜୋନ୍ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ପାସ୍ ହାର ୯୭.୨୦ ପ୍ରତିଶତ ରହିଛି। ଶିକ୍ଷା ପରିଷଦର ସମ୍ବଲପୁର ଜୋନ ଅଧିନରେ କଳାହାଣ୍ଡି, ନୂଆପଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ରହିଛି। ଏହି ୯ ଜିଲ୍ଲାରୁ ୧ ଲକ୍ଷ ୨୩ ହଜାର ୧୫୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେ ୧ ଲକ୍ଷ ୧୯ ହଜାର ୭୦୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମାଟ୍ରିକ ପରୀକ୍ଷା ସକାଶେ ପଞ୍ଜିକରଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ ଜିଲ୍ଲାରେ ୨୦୧୪ ଜଣ ଅନୁପସ୍ଥିତ ରହିଥିଲେ, ତନ୍ମଧ୍ୟରେ ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୬୪୦ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି।ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୩୪ ଜଣ 'ଏ୧' ଗ୍ରେଡ୍ ପାଇଛନ୍ତି। କଳାହାଣ୍ଡି ଜିଲ୍ଲାରେ ୧୧୮ ଜଣ 'ଏ୧' ଗ୍ରେଡ୍ ପାଇ ସର୍ବାଗ୍ରେ ଥିବାବେଳେ ଦେବଗଡ଼ ଜିଲ୍ଲାରେ ମାତ୍ର ୬ ଜଣ 'ଏ୧' ଗ୍ରେଡ୍ ପାଇଛନ୍ତି। ସେହିପରି ପାସ୍‌ହାରରେ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରେ ପାସ୍‌ହାରରେ ଝାରସୁଗୁଡ଼ା ଶୀର୍ଷରେ ଥିବାବେଳେ ସୁବର୍ଣ୍ଣପୁର ଜିଲ୍ଲା ସର୍ବନିମ୍ନରେ ରହିଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୨୩୫୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କେହି ବି କପି କରି ଧରାପଡ଼ିନାହାନ୍ତି।

| ଜିଲ୍ଲା | ପରୀକ୍ଷାର୍ଥୀ | ପାସ୍ | ପାସ୍‌ହାର | 'ଏ୧' |
|---|---|---|---|---|
| ଝାରସୁଗୁଡ଼ା | ୬୦୨୧ | ୫୮୯୪ | ୯୭.୮୯% | ୭୮ |
| ନୂଆପଡ଼ା | ୯୪୦୩ | ୯୨୦୩ | ୯୭.୮୭% | ୧୩ |
| କଳାହାଣ୍ଡି | ୨୦୫୮୮ | ୨୦୧୪୮ | ୯୭.୮୫% | ୧୧୮ |
| ସମ୍ବଲପୁର | ୧୧୪୬୩ | ୧୧୨୧୦ | ୯୭.୭୯% | ୪୧ |
| ସୁନ୍ଦରଗଡ଼ | ୨୩୫୭୧ | ୨୨୯୭୬ | ୯୭.୪୮% | ୫୬ |
| ବଲାଙ୍ଗୀର | ୨୨୬୯୫ | ୨୧୯୪୨ | ୯୬.୬୮% | ୩୬ |
| ବରଗଡ଼ | ୧୭୪୧୦ | ୧୬୭୮୫ | ୯୬.୪୧% | ୪୬ |
| ଦେବଗଡ଼ | ୩୮୯୪ | ୩୮୩୫ | ୯୬.୨୬% | ୬ |
| ସୁବର୍ଣ୍ଣପୁର | ୮୦୧୭ | ୭୭୧୩ | ୯୬.୨୧% | ୪୦ |

ସବିଶେଷ ତଥ୍ୟ ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲାରେ ୧୨୦ଟି ହାଇସ୍କୁଲର ୬୦୨୧ ଜଣ ପରୀକ୍ଷା ଦେଇ ୫୮୯୪ ଜଣ ('ଏ୧' ୭୮) ଉତ୍ତୀର୍ଣ୍ଣ ହୋଇଛନ୍ତି। ନୂଆପଡ଼ା ଜିଲ୍ଲାର ୧୫୫ଟି ହାଇସ୍କୁଲର ୯୪୦୩ ଜଣ ପରୀକ୍ଷା ଦେଇ ୯୨୦୩ ଜଣ ('ଏ୧' ୧୩), କଳାହାଣ୍ଡି ଜିଲ୍ଲାର ୩୪୩ଟି ହାଇସ୍କୁଲର ୨୦୫୮୮ ଜଣ ପରୀକ୍ଷା ଦେଇ ୨୦୧୪୮ ଜଣ ('ଏ୧' ୧୧୮), ସମ୍ବଲପୁର ଜିଲ୍ଲାର ୨୧୩ଟି ହାଇସ୍କୁଲର ୧୧୪୬୩ ଜଣ ପରୀକ୍ଷା ଦେଇ ୧୧୨୧୦ ଜଣ ('ଏ୧' ୪୧), ସୁନ୍ଦରଗଡ଼ ଜିଲ୍ଲାର ୪୦୬ଟି ହାଇସ୍କୁଲର ୨୩୫୭୧ ଜଣ ପରୀକ୍ଷା ଦେଇ ୨୨୯୭୬ ଜଣ ('ଏ୧' ୫୬), ବଲାଙ୍ଗୀର ଜିଲ୍ଲାର ୩୭୪ଟି ହାଇସ୍କୁଲର ୨୨୬୯୫ ଜଣ ପରୀକ୍ଷା ଦେଇ ୨୧୯୪୨ ଜଣ ('ଏ୧' ୩୬), ବରଗଡ଼ ଜିଲ୍ଲାର ୩୧୯ଟି ହାଇସ୍କୁଲର ୧୭୪୧୦ ଜଣ ପରୀକ୍ଷା ଦେଇ ୧୬୭୮୫ ଜଣ ('ଏ୧' ୪୬), ଦେବଗଡ଼ ଜିଲ୍ଲାର ୮୬ଟି ହାଇସ୍କୁଲର ୩୮୯୪ ଜଣ ପରୀକ୍ଷା ଦେଇ ୩୮୩୫ ଜଣ ('ଏ୧' ୬) ଏବଂ ସୁବର୍ଣ୍ଣପୁର ଜିଲ୍ଲାର ୧୨୮ଟି ହାଇସ୍କୁଲର ୮୦୧୭ ଜଣ ପରୀକ୍ଷା ଦେଇ ୭୭୧୩ ଜଣ ('ଏ୧' ୪୦) ପରୀକ୍ଷାରେ ପାସ୍ କରିଛନ୍ତି।

## କୁଚିଣ୍ଡା ବ୍ଲକ୍‌ରେ ପାସହାର ୯୬.୨୧ ପତିଶତ

**କୁଚିଣ୍ଡା, ୨।୫(ସମିସ):** ଶନିବାର ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୁଚିଣ୍ଡା ବ୍ଲକକୁ ଅଭୂତପୂର୍ବ ସଫଳତା ମିଳିଛି। ବ୍ଲକରେ ପାସ ହାର ୯୬.୨୧ ରହିଥିବା ବେଳେ ୫ ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡରେ ପାସ କରିଛନ୍ତି। ଚଳିତ ବର୍ଷ କୁଚିଣ୍ଡା ବ୍ଲକର ୨୫ଟି ବିଦ୍ୟାଳୟରୁ ମୋଟ ୧୧୮୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୪୩ ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗ୍ରେଡ ଏ-୧ ରେ ୫ ଜଣ, ଏ-୨ ରେ ୪୯ ଜଣ, ବି-୧ ରେ ୧୧୯ ଜଣ, ବି-୨ ରେ ୨୨୪ ଜଣ, ସିରେ ୨୬୪ ଜଣ, ଡିରେ ୩୧୮ଜଣ, ଇ ରେ ୧୬୪ ଜଣ ମୋଟ ୧୧୪୩ ଜଣ ପରୀକ୍ଷାରେ ପାସ କରିଛନ୍ତି। ପାସ ହାର ଶତକଡ଼ା ୯୬.୨୧ ରହିଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କିଣ୍ଡିରା ର ଛାତ୍ର ଶିବମ କୁମାର ଖରସେଲ ୫୫୬ ନମ୍ବର ହାସଲ କରି ୯୨.୬ ପ୍ରତିଶତ ଅଙ୍କ ସହ କୁଚିଣ୍ଡା ବ୍ଲକରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। ସେହି ବିଦ୍ୟାଳୟର ପିୟୁଷ ନାୟକ ୫୪୦ ନମ୍ବର ସହ ୯୦ ପ୍ରତିଶତ ଅଙ୍କ ପାଇ ଏ-୧ ଗ୍ରେଡ୍ ହାସଲ କରିଛନ୍ତି।ଏହାଛଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁଚିଣ୍ଡାର ତିନି ଛାତ୍ରଛାତ୍ରୀଅନିତା ପଣ୍ଡା, ଆୟୁଷରାଜ ପରିଡ଼ା ଓ ନିମିଷା ପଟେଲପ୍ରତ୍ୟେକ ୫୪୦ ନମ୍ବର ସହ ୯୦ ପ୍ରତିଶତ ଅଙ୍କ ପାଇ ସଫଳତା ଅର୍ଜନ କରିଛନ୍ତି।

## ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ସଫଳତା

**କୁଚିଣ୍ଡା, ୨।୫(ସମିସ):** କୁଚିଣ୍ଡା ମାତୃ ମୀରାଧାମ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୭ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ତାଙ୍କ ମଧ୍ୟରୁ ତନୟା ନାଏକ ୫୫୦ମାର୍କ ଓ ତନୁଜା ନାଏକ ୫୫୩ମାର୍କ ରଖି ଏ-୧ ହୋଇ ଥିବା ବେଳେ ଏ-୨-୯, ଜଣ, ବ-୧-୧୪ ଜଣ ଓ ବି-୨-୨ଜଣ ଉତାର୍ଣ୍ଣ ହୋଇ ଶିକ୍ଷା କେନ୍ଦ୍ରର ଗୌରବ ଆଣିଛନ୍ତି। ମାଟ୍ରିକ ଫଳାଫଳକୁ ନେଇ ଅବିଭାବକ ଓ ଶିକ୍ଷକ ମହଲରେ ଆନନ୍ଦ ଖେଳି ଯାଇଛି।

## ହୋଟେଲରୁ ୧୧ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ



**ସମ୍ବଲପୁର, ୨।୫ (ସମିସ) :** ସମ୍ବଲପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଶୁକ୍ରବାର ଧନୁପାଲି ଅଞ୍ଚଳରେ ଚଢ଼ଉ କରାଯାଇ ବେଆଇନ ଭାବେ ବ୍ୟବହୃତ ହେଉଥିବା ୧୧ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ସୂଚନା ଅନୁଯାୟୀ, ଧନୁପାଲିସ୍ଥିତ ସାଉଥ୍ ଇଣ୍ଡିଆନ୍ ଟିଫିନ୍ ହୋଟେଲରେ ଘରୋଇ ସିଲିଣ୍ଡର ବ୍ୟବହାର କରାଯାଉଥିବା ଖବରପାଇ ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ହୋଟେଲ ପରିସରରୁ ୬ଟି ଭାରତ ଗ୍ୟାସର ଭର୍ତ୍ତି ସିଲିଣ୍ଡର ସମେତ ଗୋଟିଏ ଏଚ୍‌ପି, ଗୋଟିଏ ଭାରତ ଗ୍ୟାସ୍ ଓ ୩ଟି ଇଣ୍ଡେନ୍ ଖାଲି ସିଲିଣ୍ଡର ଜବତ କରାଯାଇଛି। ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୭ ତାରିଖରେ ଚଢ଼ଉ କରାଯାଇ ନକ୍ସାପାଲି ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ରଖିଥିବା ୨ଟି କମର୍ସିଆଲ ଓ ଗୋଟିଏ ଘରୋଇ ସିଲିଣ୍ଡର ଜବତ କରିବାସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଇଥିଲା। ଏହାପୂର୍ବରୁ ମାର୍ଚ୍ଚ ୧୨ ତାରିଖରେ ବୁର୍ଲା ମେଟାକାନୀ ଢାବା ନିକଟରେ ଚଢ଼ଉ କରି ୬୨ଟି ସିଲ୍ଡ ଭାରତ ଗ୍ୟାସ ସିଲିଣ୍ଡର ସମେତ ମୋଟ ୧୬୧ଟି ସିଲିଣ୍ଡର ଜବତ କରାଯାଇଥିଲା। ଏହି ମାମଲାରେ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା।

## ଅଣହିନ୍ଦୀ ଭାଷାଭାଷୀ ନୂତନ ହିନ୍ଦୀ ଲେଖକଙ୍କ ପାଇଁ ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୨।୫ (ସମିସ) :** ନୂତନ ବିଷୟ ଉପରେ ଲେଖା କେବଳ ସାହିତ୍ୟକୁ ମଜବୁତ କରିବ ନାହିଁ ବରଂ ସମାଜକୁ ଏକ ନୂତନ ଦିଗଦର୍ଶନ ଦେବ। କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଦ୍ୱାରା ମିଳିତ ଭାବରେ ଏପ୍ରିଲ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଛଅଦିନିଆ ଅଣହିନ୍ଦୀ ଭାଷାଭାଷୀ ହିନ୍ଦୀ ନୂତନ ଲେଖକ ଶିବିର ଉଦ୍‌ଯାପନୀ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପୂର୍ବତନ ସଂଯୋଜକ ଡଃ ମୁରାରିଲାଲ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡଃ ବିଭୁ କଲ୍ୟାଣ ମହାନ୍ତି କହିଛନ୍ତି ଯେ, ନବ ଲେଖକ ନିଜର ଶବ୍ଦକୋଷକୁ ବିସ୍ତାର କରିବା ପରିବର୍ତ୍ତେ ଆମ ଚାରିପାଖରେ ଘଟୁଥିବା ଘଟଣା ପ୍ରତି ସହାନୁଭୂତି ପ୍ରକାଶ କରି ଲେଖା ଦ୍ୱାରା ସମାଜ ଲାଭବାନ ହେବ। ଲେଖାରେ ଏକ ଅନନ୍ୟ, ଅଭିଜ୍ଞତାମୂଳକ ଗୁଣ ଆଣିବା ପାଇଁ ପ୍ରୟାସ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଲେଖକଙ୍କୁ ନୂତନ ବିଷୟ ଅନୁସରଣ କରିବାକୁ ଏବଂ ସେମାନଙ୍କର ଲେଖା ମାଧ୍ୟମରେ ସାମାଜିକ ଏବଂ ବିଶ୍ୱ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଉପାୟ ଉପରେ କାର୍ଯ୍ୟ କରିବାକୁ ବିଷୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଏବଂ ଶିବିରର ଦାୟିତ୍ୱରେ ଥିବା ଡଃ ବବିତା ଶ୍ରୀବାସ୍ତବ ଶିବିରରେ ପ୍ରାପ୍ତ ଅଭିଜ୍ଞତାକୁ ସେମାନଙ୍କର ସାହିତ୍ୟିକ ଲେଖା ପାଇଁ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ, ଶିବିର ସଂଯୋଜକ ଡଃ ରଞ୍ଜନ ସେଠୀ ସ୍ୱାଗତ କରିଥିବାବେଳେ ଶିବିର ସହସଂଯୋଜକ ଡଃ ଦାଶରଥି ବେହେରା ଶିବିର ବିବରଣୀ ଉପସ୍ଥାପନ କରିଥିଲେ। ସମାପନୀ ଉତ୍ସବକୁ ସହ ସଂଯୋଜକ ଡଃ ପ୍ରଣତି ବେହେରା ଏବଂ ଡଃ ସ୍ମୃତି ସ୍ମରଣିକା ଜେନା ପରିଚାଳନା କରିଥିଲେ। ଓଡ଼ିଶା, ମହାରାଷ୍ଟ୍ର ଆଦି ବିଭିନ୍ନ ଅଣ-ହିନ୍ଦୀ ଭାଷାଭାଷୀ ରାଜ୍ୟରୁ ପ୍ରାୟ ୫୦ ଜଣ ନୂତନ ଲେଖକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।



## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ



**ସମ୍ବଲପୁର, ୨।୫ (ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ 'ଆନ୍ତର୍ଜାତିକ ଶ୍ରମିକ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ, ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଯୁଗ୍ମ ଶ୍ରମ କମିଶନର ମହେଶ୍ୱର ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶତ୍ରୁଜିତ ସାହୁ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ପୁଷ୍ପା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଏହି ଅବସରରେ ନିର୍ମାଣ ଶ୍ରମିକ ଏବଂ ଅସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ମୋଟ ୫୦, ୪୧, ୪୦୦ ଟଙ୍କାର ସହାୟତା ରାଶି ୫୩ ଜଣ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଏଥିମଧ୍ୟରେ ୧୯ ଜଣଙ୍କୁ ବିବାହ ସହାୟତା ୯, ୨୫, ୦୦୦ ଟଙ୍କା, ୬ ଜଣଙ୍କୁ ଶିକ୍ଷା ସହାୟତା ୪୬, ୪୦୦ ଟଙ୍କା, ୨ ଜଣଙ୍କୁ ପ୍ରସୂତି ସହାୟତା ୨୦, ୦୦୦ ଟଙ୍କା, ୧୦ ଜଣ ନିର୍ମାଣ ଶ୍ରମିକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ୨୯ ଲକ୍ଷ ଟଙ୍କା ଏବଂ ୬ ଜଣ ଅସଂଗଠିତ ଶ୍ରମିକଙ୍କ ପରିବାରକୁ ୧୧ ଲକ୍ଷ ଟଙ୍କା ଏବଂ ୧୦ ପରିବାରକୁ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ୫୦, ୦୦୦ ଟଙ୍କା ପ୍ରଧାନ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। କାର୍ଯ୍ୟକ୍ରମରେ ୩୦୦ ଜଣ ନିର୍ମାଣ ଶ୍ରମିକ ଏବଂ ୧୦୦ ଜଣ ଅସଂଗଠିତ ଶ୍ରମିକଙ୍କୁ ନୂତନ ପରିଚୟ ପତ୍ର ପ୍ରଦାନ କରାଯାଇଛି। ୨୦୨୫-୨୬ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ମୋଟ ୧୫, ୯୫୬ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଶ୍ରୀ ବୋନ୍ଦର (ଭା.ପ୍ର.ସେ) ଯୋଗ୍ୟ ଶ୍ରମିକମାନଙ୍କୁ ଶ୍ରମ ପରିଚୟ ପତ୍ର ଯୋଗାଇଦେବା ସହ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଏବଂ ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ବୋଲି କହିଥିଲେ। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ରେଢ଼ାଖୋଲ, ୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ସ୍ଥାନୀୟ କଦମ୍ବ ପଡ଼ିଆରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେଢ଼ାଖୋଲ ପଞ୍ଚଖଣ୍ଡା କଳା ପରିଷଦ ମିଳିତ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ ସନ୍ଥକବି ଭୀମଭୋଇ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ତହସିଲଦାର ରାମଗୋବିନ୍ଦ ପରିଡ଼ା ଯୋଗ ଦେଇଥିଲେ। ସମ୍ମାନନିୟ ଅତିଥି ଭାବେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟକ ଡ଼ ଅମୂଲ୍ୟ କୃଷ୍ଣ ପାଢ଼ୀ, ସମ୍ମାନିତ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ଅଂଶୁମାନ କର, ସମାପନ ବକ୍ତବ୍ୟ ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ଦାସ ବାବା ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ବରିଷ୍ଠ ସାମ୍ବାଦିକ ରଞ୍ଜିତ ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସନ୍ଥକବି ଭୀମଭୋଇ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଜନ୍ମ ଗ୍ରହଣ କରିଥିବା ଆଦିବାସୀ ପ୍ରତିଭା ଦିବ୍ୟଦ୍ରଷ୍ଟା ଓଡ଼ିଶା ସାହିତ୍ୟ ରେ ସନ୍ଥକବି ଭାବେ ସୁପରିଚିତ। ଭୀମଭୋଇ ଏକା ଧାରାରେ କବି, ଯୋଗୀ, ଧର୍ମ ପ୍ରଚାରକ, ନାରୀ ସମ୍ମାନ ପାଇଁ ବିପ୍ଲବୀ, ସମାଜ ସଂସ୍କାରକ ଓ ମହିମା ଧର୍ମର ପ୍ରତିଷ୍ଠାତା ରହିଥିଲେ। ସେ ବହୁ କାବ୍ୟ ରଚନା, ସାହିତ୍ୟ, ଭଜନ ଓ ଲୋକଗୀତ ଗୁଡ଼ିକ ଆଦୃତ ହୋଇଛି। ବରିଷ୍ଠ ସାମ୍ବାଦିକ ଦେବାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଜେନାମଣି ଯୋଗଜନ୍ମା ଦାସଶର୍ମା, ଗୋବର୍ଦ୍ଧନ ବଘାର, ଜୟ ନାରାୟଣ ମେଣ୍ଡୁଲି, ସଂଗ୍ରାମ କେଶରୀ ଭଞ୍ଜ ପ୍ରମୁଖ ସମେତ ଅରୁଣ କୁମାର ପ୍ରଧାନ, ଜନକ ବାଗ, ଗଣେଶ୍ୱର ପ୍ରଧାନ, ଛବିଳ ପ୍ରଧାନ, ଭାସ୍କର ପ୍ରଧାନ, ଅନାଦି ସାହୁ, ରେଢ଼ାଖୋଲର ବହୁ ସାହିତ୍ୟିକ, ଆଇନଜୀବୀ, ବୁଦ୍ଧିଜୀବୀ, ସମାଜସେବୀ ଯୋଗ ଦେଇଥିଲେ। ନାରାୟଣ ପ୍ରଧାନ, ରାଜୁ ପାରମାର, ଲକ୍ଷ୍ମଣ ପ୍ରଧାନ, ଅଶୋକ କୁମାର ପୃଷ୍ଟେଠ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ପଞ୍ଚଖଣ୍ଡା କଳା ପରିଷଦ ସଭାପତି ମହାବୀର ସିଂହ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।



## ସାମ୍ବାଦିକଙ୍କୁ ପେନସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରେଡିସନ୍ ଦାବି

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ସମ୍ବଲପୁର, ୨।୫(ସମିସ)**

ସମ୍ବଲପୁର ଜିଲ୍ଲା ଓୟୁଜେ ପକ୍ଷରୁ ୪ ଦଫା ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ସାମାଜିକ ନିରାପତ୍ତା ଓ ମାସିକ ୩୦ ହଜାର ଟଙ୍କା ପେନ୍‌ସନ୍, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ଅଧିସ୍ୱୀକୃତି କମିଟି ଗଠନ ସହ ନିୟମରେ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପିତାମାତାଙ୍କୁ ସାମିଲ କରିବା ଆଦି ଦାବି ରହିଥିଲା। ବିକ୍ଷୋଭରେ ଜିଲ୍ଲାର ୯ଟି ବ୍ଲକ ସମେତ ସମ୍ବଲପୁର ମହାନଗରର କର୍ତ୍ତବ୍ୟରତ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଏହାସହ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା,



ଶ୍ରମିକ ସଂଗଠନ, ବରିଷ୍ଠ ସାମ୍ବାଦିକ ବୃନ୍ଦ ଧାରଣାରେ ଯୋଗଦେଇ ସାମ୍ବାଦିକଙ୍କ ଦାବି ସପକ୍ଷରେ ମତ ରଖିଥିଲେ। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ପୂର୍ବତନ ଏସଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ଚାଷୀ ନେତା ସରୋଜ ମହାନ୍ତି, ଓଡ଼ିଶା କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ସୁବାସ ପାଣିଗ୍ରାହୀ, ଶିବ ଶଙ୍କର ନନ୍ଦ, ସୁଜିତ ପାଣିଗ୍ରାହୀ, ମନୋରଞ୍ଜନ ପଟ୍ଟନାୟକ, ବିରେନ୍ଦ୍ର ପାଣିଗ୍ରାହୀ, ସୁକାନ୍ତ କର, ରାଜାରାମ ପାଢ଼ୀ, ପ୍ରମୋଦ ବହିଦାର, ରାଜୀବ ମିଶ୍ର ପ୍ରମୁଖ ଯୋଗଦେଇ ଦାବି ଯଥାର୍ଥ ଓ ଏହାକୁ ତୁରନ୍ତ ପୂରଣ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଓୟୁଜେର ଦେବେନ୍ଦ୍ର ମିଶ୍ର, ଶରତ ବେହେରା, ଅମୂଲ୍ୟ ମିଶ୍ର, ରାଜ୍ୟ କୋଷାଧକ୍ଷ ଅମୁଲ୍ୟ ସ୍ୱାଇଁ, ସାଧାରଣ ସମ୍ପାଦକ ଶରତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ମିଶ୍ର, ଜାତୀୟ ପରିଷଦ ସଭ୍ୟ ସଚ୍ଚିକାନ୍ତ ସାହୁ, ଉପସଭାପତି ସତୀଶ ମିଶ୍ର ଓ ଦିନେଶ ମାହାନା, ସମ୍ପାଦକ ମନୋଜ ରାଜ ଓ ସୁଶାନ୍ତ ନାଗ, କୋଷାଧକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ବ୍ଲକ ସଭାପତି କନ୍ଦର୍ପ ବେହେରା, ସରୋଜ ସାହୁ, ଦିନେଶ ନନ୍ଦ, ତପନ ଦାଶ, ମନୋଜ ମୁଦୁଲି, ସନ୍ତୋଷ ପଟେଲ, ସନ୍ତୋଷ ଶୁକ୍ଲା, କ୍ଷୀରୋଦ ସା, ରାଧାମୋହନ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଜୟନ୍ତ ଖଡ଼ିରତ୍ନ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାର ଅବିଳମ୍ବେ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ଦାବି କରିଥିଲେ। ଶେଷରେ ଜିଲ୍ଲା ମିଡିଆ ସଂଯୋଜକ ସୁନୀଲ ନାଥ ଧନ୍ୟବାଦ ଦେଇଥିଲେ।

# ମାଟ୍ରିକ ପରୀକ୍ଷାରେ ଦେବଗଡ଼ ଜିଲ୍ଲାର ପାସ୍ ହାର ୯୬.୨୬ପ୍ରତିଶତ

ଦେବଗଡ଼,୨।୫(ସମିସ):

ଆଜି ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଦେବଗଡ଼ ଜିଲ୍ଲାର ପାସ୍ ହାର ୯୬.୨୬ ପ୍ରତିଶତ ରହିଛି।



## ଆଲିଶା ଭଇଁସା ଜିଲ୍ଲା ଟପ୍ପର

ଚଳିତବର୍ଷ ୮୬ଟି ହାଇସ୍କୁଲର ୪୦୫୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୬ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ୩୮୩୫ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ତେବେ ଏ୧ ଗ୍ରେଡ୍‌ରେ ଜିଲ୍ଲାରେ ୬ଜଣ, ଏ୨ଗ୍ରେଡରେ୭୪ଜଣ, ବି୧ଗ୍ରେଡରେ୨୫୨ଜଣ, ବି୨ ଗ୍ରେଡ୍‌ରେ ୫୧୮ ଜଣ, ସି ଗ୍ରେଡରେ ୯୦୦ଜଣ, ଡି. ଗ୍ରେଡରେ ୧୨୨୩ ଜଣ, ଇ ଗ୍ରେଡରେ ୮୬୨ ଜଣ ପାସ୍ କରିଥିବା ଜଣାପଡ଼ିଛି। ପିଏସଶ୍ରୀ ଅପୂର୍ବ ହାଇସ୍କୁଲର ଛାତ୍ରୀ ଅଲିଷା ଭଇଁଷା ମୋଟ ୫୫୪ ନମ୍ବର ସହ ୯୨. ୩୩ପ୍ରତିଶତ ସଫଳତା ହାସଲ କରି ଜିଲ୍ଲା ଟପ୍ପର ହୋଇଥିବା ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ସୂଚନା ମିଳିଛି।

## ଝାରସୁଗୁଡ଼ାରେ ପାସ୍ ହାର ୯୭.୮୯%

ଝାରସୁଗୁଡା,୨।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୬ ଫଳ ପ୍ରକାଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲ୍ଲାର ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଗତ ବର୍ଷ ରାଜ୍ୟ ସ୍ତରରେ ପାସ୍ ହାର ୯୪.୯୩ ପ୍ରତିଶତ ଥିବାବେଳେ ଏବର୍ଷ ୯୫.୩୩ ପ୍ରତିଶତ ରହିଛି। ଗତବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ ହାର ୯୭.୮୭ ରହିଥିଲା। ୩୩ ଜଣ ଏ-୧ ଗ୍ରେଡ୍ ପାଇଥିବା ଥିଲେ। ଏ ବର୍ଷ ପାସ୍ ହାର ୯୭.୮୯ ପ୍ରତିଶତ ରହଛି। ୭୮ ଜଣ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ବର୍ଷ ୩୦୦ ଜଣ ଛାତ୍ରଛାତ୍ରୀ ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏ ବର୍ଷ ୩୮୩ ଜଣ ଏ-୨ ଗ୍ରେଡ୍ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାର ମୋଟ୍ ୧୨୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୫ଟି ବିଦ୍ୟାଳୟର ଫଳ ଶତ ପ୍ରତିଶତ ରହିଛି। ଏ ବର୍ଷ ଜିଲ୍ଲାରେ ମୋଟ ୬୧୧୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ଦାଖଲ କରିଥିଲେ। ୬୦୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୮ ଜଣ ଏ-୧, ୩୮୩ ଜଣ ଏ-୨, ୮୭୩ ଜଣ ବି-୧, ୧୩୫୫ ଜଣ ବି-୨, ୧୩୯୪ ଜଣ ସି, ୧୨୦୯ ଜଣ ଡି, ୬୦୨ ଜଣ ଇ ଗ୍ରେଡ଼ ପାଇଥିବା ବେଳେ ୧୨୭ ଜଣ ଛାତ୍ର ଛାତ୍ରୀ ଏଫ୍ ଗ୍ରେଡ଼ ପାଇଥିବା ନେଇ ଝାରସୁଗୁଡା ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ପ୍ରକାଶ କରିଛନ୍ତି।



● ପ୍ରି ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ ମାମଲା

## ୪୯ ଆବେଦନକାରୀଙ୍କୁ ଜମି ପଟ୍ଟା ବଣ୍ଟନ



ଦେବଗଡ,୨।୫(ସମିସ): ରିଆମାଳ ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ତହସିଲଦାର ବିଜୟଲକ୍ଷ୍ମୀ ନାୟକଙ୍କ ତତ୍ତ୍ୱାବଧାନରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ ଓ ଅତିରିକ୍ତ ତହସିଲଦାର ପ୍ରେମ୍ ପ୍ରକାଶ ହୋର ପ୍ରମୁଖ ଯୋଗ ଦେଇଥିଲେ। ଓଡିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି) କୁ ଯୋଗ କରାଯାଇଥିଲା। ଏହି ଅନୁଯାୟୀ ତହସିଲଦାରଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲାପାଳଙ୍କ କାର୍ଯର୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ବିଚାରାଧୀନ ଥିବା ୪୯ଟି ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଫଳରେ ୪୯ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଆବେଦନକାରୀ ଜମି ପଟ୍ଟା ପାଇ ବହୁତ ଖୁସି ଅନୁଭବ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ଅପେକ୍ଷାରତ ମାମଲାର ଦ୍ରୁତ ଫଇସଲା ସମ୍ଭବ ହୋଇପାରିଛି।

● ଜିଲ୍ଲାସ୍ତରୀୟ ଆଇସିଡିଏସ୍ ସମୀକ୍ଷା ବୈଠକ

## ଶିଶୁଙ୍କୁ ମିଳିବ ପୁଷ୍ଟିକର 'ରାଗି ଲଡୁ'



ଝାରସୁଗୁଡ଼ା,୨।୫(ସମିସ): ଲାଇକେରା ପ୍ରକଳ୍ପର ଶିଶୁଙ୍କୁ ମିଳିବ ପୁଷ୍ଟିକର ରାଗିଲଡୁ। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳ କୁଣଲ ମୋତିରାମ ଚୱାଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଶିଶୁ ବିକାଶ ସେବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ଅଗ୍ରଗତି ତଥା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଏଥିରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟତଃ ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁ ହାର ହ୍ରାସ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିଟି ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଖରେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ଓ ପୁଷ୍ଟିକର ଖାଦ୍ୟ ପହଞ୍ଚାଇବାକୁ ସେ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସ୍ୱଚ୍ଛତା ଓ ସ୍ୱଚ୍ଛ ପରିଚାଳନା ପାଇଁ 'ଫେସ୍ ରେକୋଗ୍ନିସନ ସିଷ୍ଟମ' ର ଶତପ୍ରତିଶତ କାର୍ଯ୍ୟକାରିତା ଏବଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଜୋର ଦିଆଯାଇଛି। ଜିଲ୍ଲାର ଶିଶୁମାନଙ୍କୁ କୁପୋଷଣ ମୁକ୍ତ କରିବା ଲକ୍ଷ୍ୟରେ ବୈଠକରେ ଏକ ପ୍ରଶଂସନୀୟ ନିଷ୍ପତ୍ତି ନିଆଯାଇଛି। ଲାଇକେରା ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଶିଶୁଙ୍କୁ ପୁଷ୍ଟିକର 'ରାଗି ଲଡୁ' ବଣ୍ଟନ କରାଯିବା ପ୍ରସ୍ତାବକୁ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି। ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ସିଡିପିଓମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର କାର୍ଯ୍ୟଧାରା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ। ଏଥିସହିତ ଜିଲ୍ଲାପାଳ ଶ୍ରୀ ଚୱାଣ ସମସ୍ତ ସିଡିପିଓ ଙ୍କୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଯୋଗାଇ ଦିଆଯାଉଥିବା ଛତୁଆ ର ମାନ ଠିକ ଅଛି କି ନାହିଁ, ତାହା ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଜିଲ୍ଲା ସାମ୍ବାଦିକ ୟୁନିଅନର ଧାରଣା ଓ ପ୍ରତିବାଦ ସଭା

ଝାରସୁଗୁଡ଼ା,୨।୫(ସମିସ): ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ଓଡ଼ିଶା ଦ୍ୱାରା ଅନୁବନ୍ଧିତ ଝାରସୁଗୁଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦଫା ଦାବିନେଇ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଉପନ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାମ୍ବାଦିକଙ୍କ ସାମାଜିକ ନିରାପତ୍ତା ଅନୁଯାୟୀ ଦେଶର ୧୮ ଟି ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ରହିଛି। ଏଣୁ ଦୀର୍ଘ ବର୍ଷର ଦାବି ଅନୁଯାୟୀ ଓଡ଼ିଶାର ସାମ୍ବାଦିକଙ୍କୁ ମଧ ମାସିକ ୩୦ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରିବା, ବିଭିନ୍ନ ଘଟଣାକ୍ରମରେ ସାମ୍ବାଦିକଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି, ଏଣୁ ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା, ଦୀର୍ଘ ୧୯ ବର୍ଷ ହେଲା ରାଜ୍ୟ ସରକାରଙ୍କ ପକ୍ଷରୁ ସାମ୍ବାଦିକ ଅଧିସ୍ୱୀକୃତି ବନ୍ଦ ରହିଛି। ଏଣୁ ଅଧିସ୍ୱୀକୃତି ନିୟମରେ ପରିବର୍ତ୍ତନ କରାଯାଇ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଏବଂ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ଲାଗୁ କରିଥିବା ସ୍ୱାସ୍ଥ୍ୟ ବୀମାକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଓ ଏଥିରେ ପିତାମାତାଙ୍କୁ ସାମିଲ କରିବା ପାଇଁ ଦାବି କରାଯାଇଥିଲା। ଏ ଅବସରରେ ସାମ୍ବାଦିକ ମାନେ ଏକ ଶୋଭାଯାତ୍ରା ରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ବିଶିଷ୍ଟ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରକୁ ଡେପୁଟି କଲେକ୍ଟର ବିଜୟ ନାଏକ ଗ୍ରହଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଭରତ ପାତ୍ର, ଉପସଭାପତି ବିଜୟ ବରାଡ଼, ଯୁଗ୍ମ ସମ୍ପାଦକ କୁଞ୍ଜ ବିହାରୀ ପଟେଲ, କୋଷାଧ୍ୟକ୍ଷ ଡିଲେଶ୍ୱର ବାଗ, ପୂର୍ବତନ ରାଜ୍ୟ ସାଂଗଠାନିକ ସମ୍ପାଦକ ତ୍ରିଲୋଚନ ଦାଶ, ଉପଦେଷ୍ଟା ପ୍ରଶାନ୍ତ ମହାନ୍ତି, ବସନ୍ତ ଜେନା, କିର୍ତ୍ତିଚନ୍ଦ୍ର ବହିଦାର,




ଶେଖର ବିଶି, ଭାଗୀରଥି ସାହୁ, ସୁକାନ୍ତ ସାହୁ, ଭୂପାଳ ବେହେରା, ସଭ୍ୟ ବିଜୟ ସାହୁ, ମନୋଜ ସାହୁ, ନୀଳାମ୍ବର ସାହୁ, ମୁକେଶ ପ୍ରଧାନ, ଅନିଲ ବାବୁ କେଶର ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଜେଲଛକରେ ଦୋକାନ ଉଚ୍ଛେଦ ନ କରିବାକୁ ଦାବି



ଦେବଗଡ଼,୨।୫(ସମିସ): ଦେବଗଡ଼ ପୌରାଞ୍ଚଳ ଅଧୀନ ଜେଲ ସମ୍ମୁଖ ସ୍ଥିତ ଦୋକାନ ଉଚ୍ଛେଦ ନେଇ ଜିଲ୍ଲା ପ୍ରଶାସନର ନୋଟିସକୁ ବିରୋଧ କରି ଆଜି ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚର ବହୁ ସଦସ୍ୟ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଜେଲ ଛକ ଠାରେ ଦୀର୍ଘ ବର୍ଷରୁ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାଦୋକାନୀଙ୍କୁ ଉକ୍ତ ସରକାରୀ ଜଗା ଖାଲି କରିବାକୁ ବାରମ୍ବାର ତହସିଲ ପକ୍ଷରୁ ନୋଟିସ ଦିଆଯାଉଥିବା ଏବଂ ଉକ୍ତ ସ୍ଥାନରେ ଉଦ୍ୟାନ ନିର୍ମାଣ ପାଇଁ ଯୋଜନା ଥିବାରୁ ଏହାକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଦୀର୍ଘ ବର୍ଷଧରି ଉକ୍ତ ସ୍ଥାନରେ ଦୋକାନ କରିଥିବା ଦୋକାନୀଙ୍କୁ ଥଇଥାନ ନ କରି ଦୋକାନ ଉଚ୍ଛେଦ କରାଗଲେ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ନେଇ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ବେଳେ ମହିଳା ଏକତା ମଞ୍ଚ ପକ୍ଷରୁ ସୁଜାତା ପ୍ରଧାନ, ମିନାକ୍ଷୀ ମିଶ୍ର,ରାଜଶ୍ରୀ ପାତ୍ର, ପ୍ରେମଶିଳା ଝାଙ୍କର,ସନ୍ତୋଷ କୁମାର ଦେବତା, ମାନସ ରଞ୍ଜନ ଦ୍ୱିବେଦୀ, ଚନ୍ଦନ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ

## ଜିଲ୍ଲାସ୍ତରୀୟ 'ଉଦିଆଁ ତାରା'ର ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨।୫(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ 'ଉଦିଆଁ ତାରା'ର ଏକ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡ଼ତିଆ ଗତ ମାସର ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଥିଲେ। ବୈଠକର ମୁଖ୍ୟ ନିଷ୍ପତ୍ତି ପ୍ରକାରେ ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଖରା ଛୁଟି ସମୟରେ ପିଲାମାନଙ୍କୁ ପାଠପଢ଼ା ସହ ଯୋଡ଼ି ରଖିବା ପାଇଁ ସମସ୍ତଙ୍କୁ 'ହୋଲିଡେ ହୋମୱାର୍କ' ବଣ୍ଟନ କରାଯାଇଛି। ଏଥିସହ ଚାଟବୋଟ୍ ମାଧ୍ୟମରେ ଜିଲ୍ଲାବ୍ୟାପୀ ଡିଜିଟାଲ୍ ସମର ଲର୍ଣ୍ଣିଂ ପ୍ରୋଗ୍ରାମ୍ ଚାଲୁ ରହିଛି। ଇ-କଣ୍ଟେଣ୍ଟ ଓ ସୃଜନଶୀଳ ଶିକ୍ଷା ଅନୁଯାୟୀ ଇଂରାଜୀ ଶିକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ସ୍ୱତନ୍ତ୍ର ଇ-କଣ୍ଟେଣ୍ଟ ପ୍ରସ୍ତୁତ କରାଯିବ। ସେହିପରି 'ପଠନ ପାର୍ବଣ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ସୃଜନଶୀଳ ଲେଖାଗୁଡ଼ିକୁ ସଂଗ୍ରହ କରି ଏକ ପୁସ୍ତକ ପ୍ରକାଶ କରାଯିବ। ହାପି ଆୱାର୍ସ ଓ ସୁଦର୍ଶନ ଚକ୍ର ଅନୁଯାୟୀ 'ହାପି ଆୱାର୍ସ' ଅଧୀନରେ ପାଠ୍ୟକ୍ରମ ପ୍ରସ୍ତୁତି କାର୍ଯ୍ୟ ଖରା ଛୁଟି ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି 'ସୁଦର୍ଶନ ଚକ୍ର' ଅଭିଯାନର ପ୍ରସ୍ତୁତି ଛୁଟି ମଧ୍ୟରେ ଶେଷ ହେବ ଏବଂ ସ୍କୁଲ ଖୋଲିବା ପରେ ଏହାକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରାଯିବ। ଛାତ୍ରଛାତ୍ରୀଙ୍କୁ ସହାୟତା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ଏବଂ ପାଣି ବୋତଲ ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପଞ୍ଚସଖା ଶିକ୍ଷା ସେତୁ : ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଟପଞ୍ଚସଖା ଶିକ୍ଷା ସେତୁ' ମାଧ୍ୟମରେ ପାଣ୍ଠିର ବିନିଯୋଗ କରାଯିବା ନେଇ ବୈଠକରେ ସମ୍ମତି ପ୍ରକାଶ ପାଇଛି। ଏହି ବୈଠକରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ ଏବଂ ଛାତ୍ରଛାତ୍ରୀ ଅଭିମୁଖୀ କରିବାଉପରେ ଜିଲ୍ଲାପାଳ ଶ୍ରୀ ଚୱାଣ ଗୁରୁତ୍ୱାରୋପ କରିଥିଲେ।



## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଝାରସୁଗୁଡ଼ା,୨।୫(ସମିସ): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହର ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ତଥା ଝାରସୁଗୁଡ଼ା ଜିଲ୍ଲା ଯୋଜନା ବୋର୍ଡ ର ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ମଙ୍ଗଳ ସାହୁ, ସାଂସଦଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ ) ସୁନିତା ଲାକ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭାଗୀୟଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ସଭା ପରିଚାଳନା କରିବା ସହ ମେ' ଦିବସ ର ଇତିହାସ, ବିଭିନ୍ନ ସରକାରୀ ଯୋଜନା ରେ ଶ୍ରମିକମାନେ ନ୍ୟାର୍ଯ୍ୟ ପ୍ରାପ୍ୟ ପାଇପାରିବେ ତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରମ ଅଧିକାରୀ, ଲଖନପୁର ତରୁଣ କୁମାର ମହାନ୍ତି ନୂଆ ଶ୍ରମିକ କୋର୍ଡ ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଏବଂ ସରକାର ଙ୍କ ବିଭିନ୍ନ ସ୍କିମ ବିଷୟରେ ସୂଚନା ପ୍ରଦାନ କରିଥିଲେ କ୍ଷ ମୁଖ୍ୟଅତିଥି ଟଙ୍କଧର ତ୍ରିପାଠୀ ଶ୍ରମ ବିଭାଗ ର ସମସ୍ତ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ମୁନିସିପାଲିଟିର ୱାର୍ଡ, ପଞ୍ଚାୟତ ଏବଂ ଶିଳ୍ପ ଅନୁଷ୍ଠାନ ରେ କ୍ୟାମ୍ପ କରି ଶ୍ରମିକ ମାନଙ୍କୁ ସଚେତନ କରିବା, ପଞ୍ଜୀକରଣ କରିବା ପାଇଁ ରୁଟିନ ତିଆରି କରିବା ପାଇଁ ଶ୍ରମ ବିଭାଗର ଅଧିକାରୀଙ୍କ ଗୁରୁଦାୟିତ୍ୱ ରହିଛି ଏବଂ ଅତିଶୀଘ୍ର ଶିବିର ର ଆୟୋଜନ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମ ବିଭାଗ ର ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



■ ସମସ୍ୟା ଘେରରେ ସାନଯୋବ ମଧୁବନନଗର ଗ୍ରାମବାସୀ

## କୋଇଲା ଖଣି ନିକଟ ଗାଁରେ ବିକାଶ ଶୂନ

ଝାରସୁଗୁଡା,୨।୫(ସମିସ): ମହାନଦୀ କୋଇଲା ଖଣି ର ଅନତି ଦୂରରେ ଅବସ୍ଥିତ ସାନଯୋବ ମଧୁବନନଗର ଗ୍ରାମବାସୀଙ୍କ ସମସ୍ୟାର କୌଣସି ସମାଧାନ ହେଉନାହିଁ। ଗ୍ରାମବାସୀ ଧୂଳିଧୂଆଁ ପ୍ରଦୂଷଣରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରଜରାଜନଗର ପୌରପରିଷଦ ଅଧୀନ ସାନଯୋବ ମଧୁବନନଗର ଗ୍ରାମ ଏମସିଏଲ ଲଜକୁରା କୋଇଲା ଖଣିରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ। ଏଠି କିନ୍ତୁ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସ୍ଥାନୀୟ ଗ୍ରାମବାସୀଙ୍କ ସମସ୍ୟାକୁ ନେଇ ଏପରି ଉପେକ୍ଷା ଏକ ବଡ଼ ପ୍ରଶ୍ନ ସୃଷ୍ଟି ହେଉଛି। କେଉଁ ଉଦ୍ଦେଶ୍ୟ ରଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ହକ୍ ପ୍ରଦାନ କରାଯାଉନାହିଁ ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ କୋଇଲା ଖଣି ପୀଡିତ ଗ୍ରାମଗୁଡିକରେ ଏମସିଏଲ ସମସ୍ତ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରେ। ଏମସିଏଲର ବିସ୍ଥାପିତ ଗ୍ରାମ ରାମଡେରା ମଧୁବନ ନଗରରେ ପରିଣତ ହୋଇଥିଲା। ଦୁର୍ଭାଗ୍ୟ ବଶତଃ ଏହି ବିସ୍ଥାପିତ ଗ୍ରାମରେ ନା ପାଣିସୁବିଧା ରହିଛି ନା ଶିକ୍ଷାର ବ୍ୟବସ୍ଥା। ଏଠାରେ ଏକ କଲ୍ୟାଣ ମଣ୍ଡପ ରହିଛି; କିନ୍ତୁ ନାହିଁ କୌଣସି ମୌଳିକ ସୁବିଧା। ଏହା କେବଳ ନାମକୁ ମାତ୍ର କଲ୍ୟାଣ ମଣ୍ଡପ। ଏଥିରେ ନା ବିଦ୍ୟୁତ୍ ବ୍ୟବସ୍ଥା ରହିଛି ନା ପଙ୍ଖା କି କୁଲର କିମ୍ବା ଲାଇଟ କିଛି ସୁବିଧା ନାହିଁ। ଅଞ୍ଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ସାନଯୋବ ମଧୁବନ ନଗର ଗ୍ରାମର ଚତୁରପାର୍ଶ୍ୱକୁ ପ୍ରଦୂଷଣ ଘେରି ଦେଲାଣି। ଗୋଟିଏ ପଟେ ମାଟିର ପାହାଡ଼ ଅନ୍ୟପଟେ ଏମସିଏଲର କୋଇଲା ବୋଝେଇ ଟ୍ରକ୍ ଯିବା ଆସିବା କରୁଥିବା ବାଇପାସରାସ୍ତା ଯୋଗୁଁ ଯେପରି ଧୂଳି ଧୂଆଁ ଉଡୁଛି ତାକୁ ନେଇ ଗ୍ରାମବାସୀଙ୍କ କହିବା ଅନୁସାରେ ଅଣନିଃଶ୍ୱାସୀ ହୋଇଗଲେଣି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଭୂ-ତଳ କୋଇଲା ଖଣି ମାଇନ ନମ୍ବର ୩କୁ ନେଇ ଆଉ ଏକ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଯଦି ଏହି ପ୍ରକଳ୍ପ ହୁଏ ତାହାହେଲେ ଏଠି ବସବାସ କରିବା ବହୁ କଷ୍ଟକର ହୋଇ ଜୀବନ ଅସ୍ତ ବ୍ୟସ୍ତ ହୋଇଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବସୀଙ୍କ ରହିଥିବା



### କୌଣସି ଉନ୍ନତି ମୂଳକ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ

ସମସ୍ୟା ଏତେ ବ୍ୟଥିତ କଲାଣି ଯେ ସେମାନେ ଗ୍ରାମର ସମସ୍ତ ଅଧିବାସୀଙ୍କୁ ବିସ୍ଥାପିତ କରିବା ଶ୍ରେୟସ୍କର ହେବ ବୋଲି ହୃଦବୋଧ କରୁଛନ୍ତି। ସମ୍ପୂର୍ଣ୍ଣ ବିସ୍ଥାପିତ କଲେ ଗ୍ରାମବାସୀ କୌଣସି ଭଲ ସ୍ଥାନ ଦେଖି ଜୀବନ ଯାପନ କରିବେ ଏବଂ ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦେଇ ସମସ୍ୟାର ସମାଧାନ ଓ ଏପରି ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିବା ଏମସିଏଲ କର୍ତ୍ତୃପକ୍ଷ, ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ଗ୍ରାମବାସୀ ଆନ୍ଦୋଳନ ଜୋରଦାର କରିବାକୁ ବାଧ ହେବେ ବୋଲି ସୂଚନା ଦେଇଛନ୍ତି।

● ପତ୍ରଦର-ବୋନସ ଘୋଷଣାରେ ବିଳମ୍ବ

## ରାଜ୍ୟବ୍ୟାପୀ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ଧାରଣା

ଦେବଗଡ଼,୨।୫(ସମିସ) : ଦେବଗଡ଼ ଡିଭିଜନର ସମସ୍ତ କେନ୍ଦୁପତ୍ର ସଂଗ୍ରହ ହେଉଥିବା ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟସମ୍ମୁଖରେକେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ଏହାସହ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରସାଦ ନାୟକ, ଗନ୍ଧର୍ବ ସାହୁ, ଜ୍ଞାନେନ୍ଦ୍ର ଗଡ଼ନାୟକ, ଭଗବାନ ସାହୁ, ହୃଦାନନ୍ଦ ପ୍ରଧାନ, ବିରେନ ଦେବ, ପ୍ରସନ୍ନ ନାୟକ, ଦୁଃଖବନ୍ଧୁ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିଭିନ୍ନ ପଞ୍ଚାୟତରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନେ ଏକତ୍ରିତ ହୋଇ ସେମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ଆଚରଣକୁ ନିନ୍ଦା କରିଥିଲେ। କେନ୍ଦୁପତ୍ର ସଂସ୍ଥାରେ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମହିଳା ଓ ଅଧିକାଂଶ ଆଦିବାସୀ ଓ ପଛୁଆବର୍ଗ ନିଜର ଜୀବିକାର ମାଧ୍ୟମ କରିଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ଦାବି ପୂରଣ କରୁନଥିବାରୁ ନିନ୍ଦା କରିବା ସହ ଅତିଶୀଘ୍ର ଦାବିପୂରଣ ପାଇଁ ଚେତାବନୀ ଦେଇଥିଲେ। ରାଜ୍ୟର ୧୯ଟି କେନ୍ଦୁପତ୍ର ଡିଭିଜନରେ ଏପ୍ରିଲ ୧୦ରୁ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କେନ୍ଦୁପତ୍ର କେଜି ପ୍ରତି ଦର ନିର୍ଦ୍ଧାରଣ କରିପାରିନାହାନ୍ତି। ଚଳିତବର୍ଷ ଏପର୍ଯ୍ୟନ୍ତ କେନ୍ଦୁପତ୍ର ଦର ଓ ବୋନସ ଘୋଷଣା ନ ହେବା ଏକ ଅଭୂତପୂର୍ବ ଘଟଣା ବୋଲି ରାଜ୍ୟ ସଭାପତି ବିଜୟ ମହାନ୍ତି ପ୍ରକାଶ କରିଛନ୍ତି। ମାର୍ଚ୍ଚ ୨ରେ ସଚିବାଳୟରେ ଆଲୋଚନା ହେଲେ ମଧ୍ୟ ଦାବି ପୂରଣରେ ବିଳମ୍ବ ହେଉଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

# କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା

ଝାରସୁଗୁଡା,୨।୫(ସମିସ):

ଝାରସୁଗୁଡା ଡିଭିଜନର ସମସ୍ତ କେନ୍ଦୁପତ୍ର ସଂଗ୍ରହ ହେଉଥିବା ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଝାରସୁଗୁଡା ପୌର ପରିଷଦ ଅଧୀନ କେନ୍ଦୁପତ୍ର ଫଡିରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ରାଜ୍ୟର ୧୯ଟି କେନ୍ଦୁପତ୍ର ଡିଭିଜନରେ ଏପ୍ରିଲ ୧୦ରୁ ସଂଗ୍ରହ ଆରମ୍ଭ ହୋଇଛି। ସରକାର ଏପର୍ଯ୍ୟନ୍ତ କେନ୍ଦୁପତ୍ର କେରି ପ୍ରତି ଦର ନିର୍ଦ୍ଧାରଣ କରିପାରିନାହାନ୍ତି। ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ପାଇଁ ବୋନସ, ମାସିକ ମଜୁରୀ ଓ ବନ୍ଧେଇ ଶ୍ରମିକଙ୍କ ପାଇଁ ବଣ୍ଡଲ ଦର ଘୋଷଣା ମଧ ହୋଇନାହିଁ। କେନ୍ଦୁପତ୍ର ଉନ୍ନୟନ ପରିଷଦର ବୈଠକ ମଧ ବସିପାରିନାହିଁ। ଏହି ପରିସ୍ଥିତିକୁ ନେଇ ସଂଘର ସଭାପତି ବିଜୟ ମହାନ୍ତି ଗଭୀର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, ଚଳିତ ବର୍ଷ ଏପର୍ଯ୍ୟନ୍ତ ଦର ଓ ବୋନସ ଘୋଷଣା ନ ହେବା ଏକ ଅଭୂତପୂର୍ବ ଘଟଣା। ୨୦୨୪ ଜୁଲାଇରେ ସର୍ବନିମ୍ନ ମଜୁରୀ ଘୋଷଣା ହୋଇଥିଲେ ମଧ୍ୟ ସେହି ଅନୁପାତରେ ମାସିକ ମଜୁରୀ ନିର୍ଦ୍ଧାରିତ ହୋଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ଦର ବୃଦ୍ଧି ଓ ମୃତ୍ୟୁକାଳୀନ ଆର୍ଥିକ ସହାୟତା ବୃଦ୍ଧି ମଧ ହୋଇନାହିଁ। ସଂଘ ପକ୍ଷରୁ ଏହି ସମସ୍ୟାଗୁଡିକୁ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ସତ୍ତ୍ୱେ କୌଣସି ସ୍ପଷ୍ଟ ନିଷ୍ପତ୍ତି ହୋଇନାହିଁ। ଗତ ଫେବୃଆରୀ ୨୦ ଓ ୨୧ରେ ୧୦୦ରୁ ଅଧିକ ରେଞ୍ଜରେ ଗଣଧାରଣା ହୋଇଥିଲା ଏବଂ ଫେବୃଆରୀ ୨୭ରେ ରାସ୍ତାରୋକ ଆନ୍ଦୋଳନ ପୂର୍ବରୁ ସରକାରଙ୍କ ଅନୁରୋଧରେ ସ୍ଥଗିତ ରଖାଯାଇଥିଲା। ମାର୍ଚ୍ଚ ୨ରେ ସଚିବାଳୟରେ ଆଲୋଚନା ହେଲେ ମଧ ଦାବି ପୂରଣରେ ବିଳମ୍ବ ହେଉଥିବାରୁ ଶ୍ରମିକମାନଙ୍କ ଅସନ୍ତୋଷ ବଢ଼ିଛି। ସଂଘ ଅଭିଯୋଗ କରିଛି ଯେ, ଦୁଇ ମାସ ହେଉଛି କେତେକ ଶ୍ରମିକଙ୍କୁ ମଜୁରୀ ମିଳିନାହିଁ ଓ ଏହାର ଫଳରେ ଲକ୍ଷାଧିକ ଶ୍ରମିକ ଆର୍ଥିକ ସଙ୍କଟ ଓ ନିରାଶାରେ ଅଛନ୍ତି। ଝାରସୁଗୁଡ଼ା ଡିଭିଜନରେ ବିଭିନ୍ନ ପଞ୍ଚାୟତ ଓ ମୁନିସିପାଲିଟିଠାରେ ହୋଇଥିବା କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଗୋକୁଳ ମେହେର, ସଂଗଠନ ସାଧାରଣ ସମ୍ପାଦକ ସଂଜିତ ମହାନ୍ତି, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ ପ୍ରମୁଖ ଉପସ୍ଥିତ ଥିବଲେ। ଅଶୋକ ମାଝୀ, ଗୋବର୍ଦ୍ଧନ ପ୍ରଧାନ, ରମେଶ ପଟେଲ, ଆରିୟନ ବହିଦାର, ମନବୋଧ ପୋଢ, ବଂଶୀଧର ବାଗ, କପିଳ ପ୍ରଧାନ, ଅଲେଖ ସାହୁ, ରଶ୍ମିତା ମାଝୀ, ମନ୍ଦୋଦରୀ ପିଙ୍ଗ୍, କୁନ୍ତଳା କିଷାନ, ଯଶୋଦା କିଷାନ, ସନ୍ତୋଷ ଭୋଇ, ସରୋଜ ଭଣ୍ଡ, ଫକିର ନାୟକ, ଗୋବର୍ଦ୍ଧନ ବିଶ୍ୱାଳ, କୀର୍ତ୍ତନ ମହାରଣା, କୁବେର ଖଣ୍ଡ, କିଶୋର ଖଣ୍ଡ, ଥବୀର ପ୍ରଧାନ, ଜଗଦୀଶ ଭଇଁଶା, ଜିତୁ ନାଗ, ସରୋଜ ଭଣ୍ଡ ପ୍ରମୁଖ ଉପସ୍ଥିତ ଥଲେ। ଆଜି ଓଡ଼ିଶାର ୨୨ଟି ଜିଲ୍ଲାରେ ୨ ହଜାରରୁ ଅଧିକ ପଞ୍ଚାୟତରେ ଏହି ଧାରଣା, ସମାବେଶ ହୋଇଥିଲା। ପ୍ରାୟ ୫ ଲକ୍ଷ୍ୟ ତୋଳାଳି ଏବଂ କର୍ମଚାରୀ ଭାଗ ନେଇଛନ୍ତି।



### ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଫଳତା

## ଦୀପଶିଖା ଗଡ଼ତିଆ ଜିଲ୍ଲା ଟପ୍ପର



**ପଦ୍ମପୁର, ୨।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତ ପ୍ରତିଶତ ହାସଲ କରିଛି। ଦୀପଶିଖା ଗଡ଼ତିଆ-୫୭୩ ମାର୍କ ରଖି( ୯୫.୫%) ବରଗଡ଼ ଜିଲ୍ଲାରେ ସର୍ବୋଚ୍ଚ ଅଙ୍କ ରଖି ବିଦ୍ୟାଳୟକୁ ସାରା ଓଡ଼ିଶାରେ ଗୌରବାନ୍ୱିତ କରିଛନ୍ତି। ସିଦ୍ଧାର୍ଥ ଶେଖର ସାହୁ-୫୫୯ ମାର୍କ (୯୩.୧୬ %), ଆଲୋକ ରଞ୍ଜନ ୫୫୭ ମାର୍କ ( ୯୨.୮୩%) ଶେପାଳୀ ପଧାନ ୫୪୦ ମାର୍କ (୯୦%)ଏ-୨-୯ ଜଣ, ବି-୧-୨୭ ଜଣ, ବି-୨-୨୮ ଜଣ, ସି-୧୫ ଜଣ, ଡି-୪ ଜଣ ପାସ କରିଛନ୍ତି। ସବୁ ଶ୍ରେୟ ବିଦ୍ୟାଳୟ ଅନୁଶାସନ, ସମସ୍ତ ଗୁରୁଜୀ ଗୁରୁମାଙ୍କ କଠୋର ପରିଶ୍ରମ ଓ ମାର୍ଗଦର୍ଶନ ସହିତ ଉନ୍ନତମାନର ଶିକ୍ଷାଦାନ, କଠିନ ଅଧ୍ୟବସାୟ ସଂସ୍କାର ତଥା ଅଭିଭାବକ, ଅଭିଭାବିକା, ପରିଚାଳନା ସମିତିର ସଭ୍ୟମାନ ର ମାର୍ଗଦର୍ଶନ ତଥା ଶିଶୁମାନଙ୍କ କଠୋର ପରିଶ୍ରମରେ ଶତ ପ୍ରତିଶତ ଫଳାଫଳ ରଖିଥିବାରୁ ବିଦ୍ୟାଳୟକୁ ସମସ୍ତ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି।

## ପାଇକମାଲ ବ୍ଲକ୍‌ରୁ ଦୁଇ ଜଣ ଏ-୧ ଗ୍ରେଡ୍

**ପାଇକମାଲ, ୨।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ପାଇକମାଲ ବ୍ଲକରୁ ଦୁଇ ଜଣ ଛାତ୍ରଛାତ୍ରୀ ଏ-୧ନ ଗ୍ରେଡ୍ ପାଇ କୃତିତ୍ୱ ଲାଭ କରିଛନ୍ତି। ପାଇକମାଲ ହାଇସ୍କୁଲର ଛାତ୍ର ସ୍ୱସ୍ତିକ ରଞ୍ଜନ ଭୋଇ ୬୦୦ରୁ ୫୪୦ ମାର୍କ ପାଇଛନ୍ତି। ସେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗ୍ରାମର ଫକୀର ଭୋଇଙ୍କ ପୁଅ ହୋଇ ଥିବା ବେଳେ ପାଇକମାଲରେ ରହି ପାଇକମାଲ ହାଇସ୍କୁଲରେ ପଢ଼ୁଥିଲେ। ସେହିପରି ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲ ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ୬୦୦ରୁ ୫୪୦ ମାର୍କ ରଖି ଏ-୧ଗ୍ରେଡ ପାଇ କୃତିତ୍ୱ ଲାଭ କରିଛନ୍ତି। ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲର ଛାତ୍ରୀ ଚାନ୍ଦିନୀ ବିଶ୍ୱାଳ ଭୂତମୁଣ୍ଡା ଗାଁର ଜୟନ୍ତ ବିଶ୍ୱାଳଙ୍କ ଝିଅ ଅଟନ୍ତି। ଏନେଇ କୃତୀ ଛାତ୍ରଛାତ୍ରୀଙ୍କୁ ପାଇକମାଲ ଶିକ୍ଷା ଅଧିକାରୀ ଶୁଭମ ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧେଶ୍ୟାମ ମେହେର, ପାଇକମାଲ ହାଇସ୍କୁଲରପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ, ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଟ ମିନତୀ ଟେଟେ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଛନ୍ତି।



### ■ ରାଜ୍ୟବ୍ୟାପୀ କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା

## ରେଢ଼ାଖୋଲର ସମସ୍ତ ପଞ୍ଚାୟତରେ ଧାରଣା

**ରେଢ଼ାଖୋଲ, ୨।୫(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଡିଭିଜନର ସମସ୍ତ କେନ୍ଦୁପତ୍ର ସଂଗ୍ରହ ହେଉଥିବା ପଞ୍ଚାୟତମାନଙ୍କରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରେଢ଼ାଖୋଲ ଡିଭିଜନରେ ବିଭିନ୍ନ ପଞ୍ଚାୟତ ହୋଇଥିବା କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଗୋକୁଳ ମେହେର, ସଂଗଠନ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ଦେବଜ୍ୟୋତି ପଟ୍ଟନାୟକ, ଭିକାରୀ ପ୍ରଧାନ, ସୁମିତ ପଟେଲ, ଅଜିତ୍ ଦେଓ, ନୀଳାଦ୍ରି ପ୍ରଧାନ, ଜିତେନ୍ଦ୍ରିୟ ଷଣ୍ଢ, ଆଖୋଜ ପ୍ରଧାନ, ତିର୍ଥବାସି ପ୍ରଧାନ, ଟିକେଶ୍ୱର ଝାଙ୍କର, ପ୍ରମୋଦ ସାହୁ, ଜିତେନ୍ଦ୍ରିୟ ପ୍ରଧାନ, ଅରୁଣ ପ୍ରଧାନ, ସତ୍ୟବାଦୀ ନାୟକ, ସୁମିତ୍ରା ବେହେରା, କାନ୍ତ ଲୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖ ଥାଉକି ଆଜି ଓଡ଼ିଶାର ୨୨ ଟି ଜିଲ୍ଲାରେ ଦୁଇ ହଜାର ରୁ ଅଧିକ ପଞ୍ଚାୟତ ରେ ଏହି ଧାରଣା ସମାବେଶ ହୋଇଥିବା ବେଳେ ଲକ୍ଷାଧିକ ତୋଳାଳି କର୍ମଚାରୀ ଭାଗ ନେଇଥିବା ସଂଘର ସଭାପତି ବିଜୟ ମହାନ୍ତି ପ୍ରକାଶ କରିଛନ୍ତି।



## ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

**ବରଗଡ଼, ୨। ୫(ସମିସ):** ସମଗ୍ର ଶିକ୍ଷା ବିଭାଗକୁ ନିନ୍ଦିତ କରିଥିବା ବରଗଡ଼ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଡିଇଓ, ବିଇଓ ଏବଂ ଜଣେ ପିଇଟି ଶିକ୍ଷକଙ୍କ ଘୃଣ୍ୟ ଆଚରଣ ଘଟଣାକୁ ବରଗଡ଼ ମହିଳା ସମିତି ଦୃଢ଼ ନିନ୍ଦା କରିବା ସାଙ୍ଗକୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ଜଣାଇଛି। ଶନିବାର ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ଡେପୁଟି କଲେକ୍ଟର ସୁମତି ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ସେଥିରେ ବରଗଡ଼ ଶିକ୍ଷା ବିଭାଗର ଜଣେ ମହିଳା ସିଆରସିସିଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ଖବରକୁ ସଭ୍ୟ ସମାଜ ପାଇଁ ଲଜ୍ଜାଜନକ ଘଟଣା ବୋଲି ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଏହି ଘଟଣା ମାନବ ଶୋଷଣ ସହିତ ଜଘନ୍ୟ, ଅନୈତିକ ଏବଂ ଅମାନବୀୟ, ଯାହା ପବିତ୍ର ବରଗଡ଼ ବାତାବରଣକୁ ବିଷାକ୍ତ କରି ମହିଳା ବର୍ଗର ପବିତ୍ରତାକୁ କଳଙ୍କିତ କରିଛି ବୋଲି କୁହାଯାଇଛି। ଘଟଣାର ଦୃଢ଼ ପ୍ରତିବାଦ କରାଯାଇ ମହିଳା ସମ୍ପ୍ରଦାୟର ସୁରକ୍ଷା ଏବଂ ପବିତ୍ରତାକୁ ହନନ କରୁଥିବା ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବାକୁ ଦାବି କରାଯାଇଛି। ଦାବିପତ୍ର ସମିତି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁମତି ପଣ୍ଡା ଗ୍ରହଣ କରିଥିଲେ। ପ୍ରତିନିଧି ଦଳରେ ଗୀତା ମିଶ୍ର, ତନିମା ଦାଶ, ମମତା ମିଶ୍ର, ଅଞ୍ଜନା ଦାସ, ମିନାକ୍ଷୀ କର, ମୀନା ପଣ୍ଡା, କବିତା ଦେବତା, ଦିବ୍ୟାକାନ୍ତି ଭୋଇ, ସବିତା ଗୁରୁ ପ୍ରମୁଖ ସାମିଲ ହୋଇ ଥିଲେ।

### +୩ ପରୀକ୍ଷାରେ ସଫଳତା

## ଶ୍ରେଷ୍ଠ ୧୦ରେ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ୩ ଛାତ୍ରୀ

**ବରଗଡ଼, ୨।୫(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷ ପରୀକ୍ଷାରେ ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ତିନି ଜଣ ଛାତ୍ରୀ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। କଳା ବିଭାଗର ଗୃହ ବିଜ୍ଞାନ ସମ୍ମାନରେ ନୁପୁର ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରସାୟନ ବିଜ୍ଞାନ ସମ୍ମାନରେ ସମୀକ୍ଷା ଆଚାର୍ଯ୍ୟ ଅଷ୍ଟମ ସ୍ଥାନ ଓ ଉଦ୍ଭିଦ ବିଜ୍ଞାନ ସମ୍ମାନରେ ପ୍ରଜ୍ଞା ପରମିତା ସାହୁ ନବମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପ୍ରକାଶ ଥାଉକି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ୫୦ ଜଣ ଛାତ୍ରୀ ୮ସିଜିପିଏରୁ ଉର୍ଦ୍ଧ୍ୱ ମାର୍କ ହାସଲ କରିଛନ୍ତି। ପ୍ରତିବର୍ଷ ଶିକ୍ଷାନୁଷ୍ଠାନର ଏହି ସଫଳତା ନିମନ୍ତେ ମହାବିଦ୍ୟାଳୟର ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡା ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ସାଧୁବାଦ ଜ୍ଞାପନ କରିଛନ୍ତି। ଶ୍ରୀମତୀ ପଣ୍ଡା ଆଗାମୀ ଦିନରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶ ଉନ୍ନତି ସକାଶେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗ କାମନା କରିଛନ୍ତି।



## କୀଟନାଶକ ଔଷଧ ଦୋକାନରୁ ଚୋରି

**ଭେଡେନ, ୨।୫(ସମିସ):**ଭେଡେନ ଥାନା ରକ୍ସୁଡା ଫାଣ୍ଡି ଅନ୍ତର୍ଗତ ତାଲବ ଛକରେ ଥିବା ରାଜେଶ ମହାପାତ୍ର ଙ୍କ କୀଟନାଶକ ଦୋକାନରୁ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି।ଅଭିଯୋଗ ଅନୁସାରେ ସେ ଗୁରୁବାର ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ ଓ ଶୁକ୍ରବାର ସକାଳୁ ଦୋକାନ ଖୋଲିବାକୁ ଆସିଲା ବେଳକୁ ଦୋକାନ କବାଟର ତାଲା କଟାଯାଇ ଥିବାର ଦେଖି ଥିଲେ। ଦୋକାନ ଭିତରକୁ ଯାଇ ଦେଖିଲା ବେଳକୁ ଦୋକାନରେ ଲାଗିଥିବା ସିସି କ୍ୟାମେରା ର ହାଡ଼ଡିସ୍କ ସହ ବ୍ୟାପକ ପରିମାଣର କୀଟନାଶକ ସାମଗ୍ରୀ ଚୋରି ହୋଇଥିବାର ଦେଖି ପୁଲିସକୁ ଖବର ଦେଇଥିଲେ।ପୁଲିସ ପହଞ୍ଚି ତଦନ୍ତ କରିବା ସହ ଅନ୍ୟ ଦୋକାନରେ ଲାଗିଥିବା ସିସି କ୍ୟାମେରାର ଯାଞ୍ଚ କରିଥିଲା।

## ଛେଲିଆ ପ୍ରଧାନଙ୍କ ପରଲୋକ



**ସମ୍ବଲପୁର, ୨।୫ (ସମିସ) :** ଦାନୀପାଲି କୁଲତାପଡ଼ାର ଛେଲିଆ ପ୍ରଧାନ (୮୪)ଙ୍କ ଗତକାଲି ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଙ୍କ ବିୟୋଗ ଖବର ପାଇ ବନ୍ଧୁ ବାନ୍ଧବ, କୁଲତା ସମାଜ ସଦସ୍ୟ ତଥା ଅଞ୍ଚଳବାସୀ ଶେଷଦର୍ଶନ କରିଥିଲେ। ଶେଷ ସମୟରେ ସ୍ତ୍ରୀ କୁମୋଦିନୀ, ପୁଅ ସୁବାସ ଓ ରବି, ଝିଅ ସବିତା, ବୋହୂ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡ଼ ପୁଅ ସୁବାସ ମୁଖାଗ୍ନି ଦେଇଥିଲେ।

## ସାରଙ୍ଗପୁରରେ ବୈଶାଖ ମେଳା ଉଦ୍‌ଯାପିତ

**ପଦ୍ମପୁର, ୨।୫(ସମିସ):** ପଦ୍ମପୁର ଅନ୍ତର୍ଗତ ସାରଙ୍ଗପୁର ଅଙ୍ଗ ନଦୀକୂଳ ନୃସିଂହ ମନ୍ଦିର ରାଜା ଅନୁଷ୍ଠିତ ହେଉଥିବା ବୈଶାଖ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଜଗନ୍ନାଥ ବରିହା ଓ ତାଙ୍କର ଧର୍ମପତ୍ନୀ ବନିତା ବରିହା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସୀତାଂଶୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗାୟିକା ସ୍ୱପ୍ନାରାଣୀ ଯୋଷୀ ନୃସିଂହ ପାରାୟଣ ଗାନ କରିଥିଲେ। ଦ୍ୱିତୀୟ ଦିନରେ ସଞ୍ଚାର ସହିତ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସେହିପରି ଶୁକ୍ରବାର ସନ୍ଧ୍ୟାର ଡୋଲାମଣୀ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା କୀର୍ତ୍ତନ ଧାରା ପରିବେଷଣ କରାଯାଇଥିଲା। ମେଳାରେ କମିଟିର ସଭାପତି ଶ୍ରୀକାନ୍ତ ବରିହା, ଉପସଭାପତି ରମାକାନ୍ତ ସାହୁ, ସମ୍ପାଦକ ଯୁଧିଷ୍ଠିର ବରିହା, କୋଷାଧ୍ୟକ୍ଷ ସତ୍ୟବାନ ବରିହା, ସମେତ ପଞ୍ଚାନନ ବରିହା, ଲଳିତ ସାହୁ, ନାରାୟଣ ମେହେର, ଟେଙ୍ଗେନୁ ସାହୁ, ରବି ଲାଲ ବରିହା, ଚନ୍ଦନ ପଟେଲ, ମହାଦେବ ବରିହା, ଜନକ ତାଣ୍ଡି, ବୈଷ୍ଣବ ମେହେର, ଗୋବିନ୍ଦ ବାରିକ, କୁଶ ସାହୁ, ସରୋଜ ଭୋଇ, ଭୋଲା ସେଠ, ଗିରି ପଧାନ, ଗୋବିନ୍ଦ ମାଝୀ, କୃପାସିନ୍ଧୁ ସାହୁ, ସୁବିନ ବରିହା, ଡୋଲାମଣୀ ବଡେଇ, ଶ୍ୟାମ ସୁନ୍ଦର ସାହୁ, ରାମଦାସ ସାହୁ, ଲିଙ୍ଗରାଜ ସାହୁ, ହରି ବରିହା, ରତନ ସାହୁ, ବିନୋଦ ମାଝୀ, ରିସିୟ ବରିହା, ରସିକ ବରିହା ପ୍ରମୁଖ ସହଯୋଗ କରିଥିଲେ।

## ସିନ୍ଦୁରପଙ୍କ ଶ୍ରୀରାମପାଲିରେ ଆନ୍ତର୍ଜାତିକ ଶ୍ରମିକ ଦିବସ

**ସମ୍ବଲପୁର, ୨।୫ (ସମିସ) :** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିନ୍ଦୁରପଙ୍କ ଶ୍ରୀରାମପାଲିସ୍ଥିତ ସମଲେଇ ମନ୍ଦିର ପ୍ରାଙ୍ଗଣରେ 'ଆନ୍ତର୍ଜାତିକ ଶ୍ରମିକ ଦିବସ - ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଚାଷୀନେତା ରାମସାଗର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ବୁଦ୍ଧିଜୀବୀ ପରିଷଦର ସଭାପତି କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଏବଂ ଶ୍ରମିକ ନେତା ଭବାନୀ ଶଙ୍କର ସୋହେଲା ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ପାଦକ ମେଘୁ ମୁଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି କାର୍ତ୍ତିକ ପ୍ରସାଦ ବହିଦାର ଶ୍ରମିକ ସଂଗଠନ ପତାକା ଉତ୍ତୋଳନ କରିଥିଲେ। ତା'ପରେ ସମ୍ପାଦକ ମେଘୁ ମୁଣ୍ଡା ଅତିଥି ପରିଚୟ ପ୍ରଦାନ ସହ ଅନୁଷ୍ଠାନର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମାରୋହରେ ଉପସ୍ଥିତ ଶ୍ରମିକମାନେ ସେମାନେ ସମ୍ମୁଖୀନ ହେଉଥିବା ବିଜୁଳି ସମସ୍ୟା, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟସେବା ସମସ୍ୟା, ମହିଳା ମାନଙ୍କ ସମସ୍ୟା, ସରକାରଙ୍କ ଠାରୁ ପକ୍କାଘର ଆଦି ବିଭିନ୍ନ ସରକାରୀ ସୁବିଧା ପାଇବାରେ ସମ୍ମୁଖୀନ ହେଉଥିବା ସମସ୍ୟାମାନ ଉପସ୍ଥାପନ କରିଥିଲେ। ଶ୍ରମିକ ଦିବସ ସମାରୋହରେ ନିଳାଦ୍ରୀ ବେହେରା, ରଞ୍ଜିତା ରାଉତ, ସିନ୍ଧୁସୂତା ବେହେରା, କବିତା ଷଣ୍ଢ, ଅଞ୍ଜଳି ରାଉତ, ବବିତା ଠାକୁର, ଲଳିତା ଭୋଇ, ଅଶ୍ୱିନୀ ରାଉତ, ବିରଞ୍ଚି ବାଗ ପ୍ରମୁଖ ଶତାଧିକ ଶ୍ରମିକ ଯୋଗଦାନ କରିଥିଲେ। ଶେଷରେ ସୁନୀତି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ନିଃଶୁଳ୍କ ଚିକିତ୍ସା ଶିବିର

**ପାଇକମାଳ, ୨।୫ (ସମିସ):** ନୃସିଂହନାଥ ବୈଶାଖ ମେଳା ଅବସରରେ ପାଇକମାଳ ଶ୍ରୀନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପଞ୍ଚଦିବସୀୟ ନିଃଶୁଳ୍କ ଚିକିତ୍ସା ଆୟୋଜକ କରାଯାଇଥିଲା। ପାଇକମାଳ ଅତିରିକ୍ତ ବିଡିଓ ଦେବାଶିଷ ସିହ୍ନାଙ୍କ କରକମଳରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ଜଗବନ୍ଧୁ ମିଶ୍ର ଓ ଉପାଧ୍ୟକ୍ଷ ପ୍ରୋଫେସର ଡ଼ ଅଭିରାମ ଠାକୁରଙ୍କ ଉପସ୍ଥିତରେଶିବିର ଉଦଘାଟିତ ହୋଇଥିଲା। ଶିବିରରେ ମହାବିଦ୍ୟାଳୟର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ନିଃଶୁଳ୍କ ଚିକିତ୍ସା ପ୍ରଦାନ କରିବା ସହ ନିଃଶୁଳ୍କ ଔଷଧ ଓ ଔଷଧ ଚାରା ବିତରଣ କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ଉଦ୍ଦେଶ୍ୟରେ ଦୈନନ୍ଦିନ ବିଭିନ୍ନ ପ୍ରକାର ଆୟୁର୍ବେଦ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ନୃସିଂହ ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟା ସମୟରେ ୫ ହଜାର ଶ୍ରଦ୍ଧାଳୁମାନଙ୍କୁ ହାଲୁକା ପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଚିବ ତଥା ପ୍ରଶାସକ ମନୋଜ ତ୍ରିବେଦୀ ଓ ଅଧକ୍ଷ ଡ଼ ଜଗବନ୍ଧୁ ମିଶ୍ର ଉପସ୍ଥିତରେ ବଣ୍ଟନ କାର୍ଯ୍ୟ ସମାପନ କରାଯାଇଥିଲା। ମେଳାରେ ମହାବିଦ୍ୟାଳୟର ଏନଏସଏସ ୟୁନିଟ୍ ତରଫରୁ ୫୦ ଜଣ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ, ଆଶୁ ଚିକିତ୍ସା, ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକ୍ରମ କରାଯାଇଥିଲା।

## ସାଓଲିନ୍ କୁଂଫୁ ଉଷୁ ଆସୋସିଏସନ୍‌ରେ ବୁଦ୍ଧ ପୂର୍ଣ୍ଣିମା

**ସମ୍ବଲପୁର, ୨।୫ (ସମିସ) :** ସ୍ଥାନୀୟ ସାଓଲିନ କୁଙ୍ଫୁ ଉଷୁ ଆସୋସିଏସନର ଜିଲ୍ଲା ଜୁଡୋ ହଲଠାରେ ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ନଗରପାଳ ଗିରୀଶ ପଟେଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଆସୋସିଏସନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁସ୍ତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଏହାକୁ ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି ଓ ପୁଷ୍ପାଞ୍ଜଳି ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରୀତି ମିର୍ଦ୍ଧା ଜାତୀୟ କୁସ୍ତି ଖେଳାଳି ଓ ଖେଲୋ ଇଣ୍ଡିଆ ଖେଳାଳି ରଶ୍ମିତା କୁମୁରାଙ୍କୁ ସମ୍ମାନିତ କରାଯାଇଥିଲା। ଆସୋସିଏସନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ଏହି ଦିବସ ପାଳନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସଞ୍ଜିବ ପଟ୍ଟନାୟକ, ପରେଶ ବରିହା, କ୍ଷମାନିଧି ବାଦି, ଶୋହନ ଦୀପ, ଲିଙ୍ଗରାଜ ମାଝି ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ଗୋଲ ଶଟ ବଲ୍‌ରେ କୁଡାସିଂହାର ଭାଇ-ଭଉଣୀଙ୍କ ସ୍ୱର୍ଣ୍ଣ ପଦକ

**ପାଇକମାଳ /ପଦ୍ମପୁର, ୨।୫(ସମିସ):**ଦକ୍ଷିଣ ଏସିୟ ଅନ୍ତର୍ଜାତୀୟ ଗୋଲ ଶଟ ବଲ୍ ଚାମ୍ପିୟନସିପ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠିତ ମଞ୍ଚରେ ଭାରତୀୟ ଦଳ ପକ୍ଷରୁ ଖେଳି ବରଗଡ଼ ଜିଲ୍ଲାର ଦୁଇ ଯୁବ ପ୍ରତିଭା ରାଜ ମେହେର ଓ ପରୀ ମେହେର ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପଦ୍ମପୁର ବ୍ଲକ ଅନ୍ତର୍ଗତ କୁଡାସିଂହା ଗ୍ରାମର ଭାଇଭଉଣୀ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଭାରତୀୟ ଦଳରେ ଚୟନିତ ହୋଇଥିଲେ। ସଠିକ୍ ପ୍ରଶିକ୍ଷଣ, ଦୃଢ଼ ଇଚ୍ଛାଶକ୍ତି ଓ ଅନବରତ ପରିଶ୍ରମର ଫଳରେ ସେମାନେ ଦଳକୁ ଚାମ୍ପିୟନ କରି ସ୍ୱର୍ଣ୍ଣ ପଦକ ଅଞ୍ଜାନ କରିପାରିଛନ୍ତି। ରାଜ ଓ ପରୀ, କୁଡାସିଂହା ଗ୍ରାମର ସୁରେନ୍ଦ୍ର ମେହେରଙ୍କ ସନ୍ତାନ। ସେମାନଙ୍କ ସଫଳତାରେ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ବ୍ୟାପିଯାଇଛି। ଗ୍ରାମକୁ ଫେରିବା ସମୟରେ ଶତାଧିକ ଗ୍ରାମବାସୀ ଉତ୍ସାହର ସହିତ ସ୍ୱାଗତ କରିଥିଲେ। ଫୁଲମାଳା, ଚନ୍ଦନ ତିଳକ ଓ ପାଦ ପ୍ରକ୍ଷାଳନ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦୁଇ ଖେଳାଳିଙ୍କୁ ନିଜ ପାଇକମାଳ ବାସଭବନସ୍ଥିତ କାର୍ଯ୍ୟାଳୟରେ ଆମନ୍ତ୍ରଣ କରି ଅଭିନନ୍ଦନା ଜଣାଇଥିଲେ। ସେମାନଙ୍କ ଏହି ସଫଳତାକୁ ସେ ଜିଲ୍ଲା ପାଇଁ ଗୌରବମୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରି ଭବିଷ୍ୟତରେ ଆହୁରି ବଡ଼ ମଞ୍ଚରେ ଦେଶର ନାମ ଉଜ୍ଜ୍ୱଳ କରିବେ ବୋଲି ଆଶା ପ୍ରକାଶ କରିଥିଲେ।

## ଶ୍ରମିକ ଦିବସରେ ସଫେଇ ଅଭିଯାନର ଶୁଭାରମ୍ଭ



**ସମ୍ବଲପୁର, ୨।୫ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ସଫେଇ ଅଭିଯାନରେ ଯୋଡିହେଲା ଆଉ ଏକ ଏଜେନ୍ସି। ସଫେଇ କାମର ୬ ନମ୍ବର ଜୋନ ଅନ୍ତର୍ଗତ ୧୩, ୧୪, ୧୫, ୧୮ ଓ ୩୪ ନମ୍ବର ୱାର୍ଡର ସଫେଇ କାର୍ଯ୍ୟ କରିବାକୁ ସ୍ୱର୍ଣ୍ଣ ଦେବୀ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି। ଶ୍ରମିକ ଦିବସରେ ଏହାର ଶୁଭାରମ୍ଭ କରାଯାଇଛି। ଏହାକୁ ସାଂସଦ ପ୍ରତିନିଧି ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ଓ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡା. ରାଜାରାମ ଷଡ଼ଙ୍ଗୀ, ଦେବେନ୍ଦ୍ର ମେହେର, ଆଡଭୋକେଟ ଅର୍ଜୁନ ପଟ୍ଟନାୟକ, ଏସଏମସି ଡେପୁଟି କମିଶନର ହରିଓମ ଭୋଇ ଓ ଭିକ୍ଟର ସୋରେଙ୍ଗ, ଏସଡବ୍ଲୁଏମ ମୋନିକା ମୋନାଲି ମାନସିଂ, ସ୍ୱର୍ଣ୍ଣ ଦେବୀ ଏଜେନ୍ସିର ସ୍ଥାନୀୟ ପରିଚାଳିକା ଲେନୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ନାକଟିଦେଉଳରେ ପାନୀୟ ଜଳ ସମସ୍ୟା

## ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ଗ୍ରାମବାସୀ

**ନାକଟିଦେଉଳ, ୨।୫(ସମିସ):** ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ପାନୀୟ ଜଳ ପାଇଁ ହାହାକାର ହେଉଛନ୍ତି ଜନସାଧାରଣ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ସୂଚନା ଅନୁସାରେ ନାକଟିଦେଉଳ ଗ୍ରାମରେ ଏକ ଓଭର ହେଡ଼ ଟାଙ୍କି ରହିଥିବା ବେଳେ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି। କିନ୍ତୁ ଅଧିକାଂଶ ଷ୍ଟାଣ୍ଡପୋଷ୍ଟରେ ପାଣି ବାହାରୁ ନାହି। ଗ୍ରାମବାସୀ ନାକଟିଦେଉଳ ବିଡ଼ିଓ, ସ୍ଥାନୀୟ ସରପଞ୍ଚ, ରେଢ଼ାଖୋଲ ବିଧାୟକ, ରେଢ଼ାଖୋଲ ଉପଜିଲ୍ଲାପାଳ ଏପରିକି ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରୁଥିବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳିଛି। ଏପରିକି ରେଢ଼ାଖୋଲ ଉପଜିଲ୍ଲାପାଳ ପ୍ରତିଶ୍ରୁତି ମଧ୍ୟ ପ୍ରତିଶ୍ରୁତିରେ ରହିଯାଇଛି। ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଳିରାମ ବୋନ୍ଦର ନାକଟିଦେଉଳ ଗସ୍ତରେ ଆସିଥିବା ବେଳେପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବୀ ଜଣାଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଯଥାଶୀଘ୍ର ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ସେଠାରୁ ଓହରି ଥିବା ଜଣାପଡ଼ିଛି।



## କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷଣ ଶିକ୍ଷକ କର୍ମଶାଳା

**ବରଗଡ଼, ୨।୫(ସମିସ):** କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ଶ୍ରେଣୀ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବାର୍ଷିକ ଶିକ୍ଷଣ ଶିକ୍ଷକ କର୍ମଶାଳାର ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ



ଅନ୍ତର୍ଗତ ସମସ୍ତ ଶାଖାର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ର୍ମଶାଳାରେ ୨୦୨୬-୨୭ ଶିକ୍ଷାବର୍ଷ ଲାଗି ଏକାଡେମିକ୍ କ୍ୟାଲେଣ୍ଡର ଓ ପାଠ୍ୟଖସଡ଼ା (ଲେସନ ପ୍ଲାନ) ବିଷୟରେ ତାଲିମ ଦେବା ସହିତ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ଡି. ମୂରଲୀ କ୍ରୀଷ୍ଣା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ତଥା ମାନସିକ ତଥା ମେଣ୍ଟର ଶିକ୍ଷକଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ମତ ପ୍ରଦାନ କରିଥିଲେ। ଶ୍ରେଣୀ ଦଶମ ପରୀକ୍ଷା ଫଳ ଲାଗି ଶ୍ରେଣୀ ଷଷ୍ଠରୁ ଅଷ୍ଟମରେ କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ଶିକ୍ଷକଙ୍କ ଏକନିଷ୍ଠ ଶିକ୍ଷାଦାନ ଦ୍ୱାରା ହିଁ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ସାଧନ ହୋଇପାରିବ ବୋଲି ମତ ପ୍ରକାଶ କରିଥି। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ୍ ଶିଶିର ପ୍ରସାଦ ରାଉଳ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକାଡେମୀକ୍ କ୍ୟାଲେଣ୍ଡର ତଥା ପାଠ୍ୟଖସଡା ଉପରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାଷ୍ଟ ପର ଅଧକ୍ଷା ପୁଷ୍ପଲତା ମହାପାତ୍ର ସିମେଣ୍ଟ ନଗର ଇଂଲିଶ ମିଡିୟମ୍ ସ୍କୁଲର ଅଧକ୍ଷ ପ୍ରଦୀପ କୁମାର ସାହୁ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟାର ସ୍କୁଲର ଅଧକ୍ଷ ସନାତନ ମହାପାତ୍ର, ବିକାଶ ଶିକ୍ଷାନୁଷ୍ଠାନର ପିପୁଲ୍ ଏଣ୍ଡ କଲଚର୍ ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଭୀମଭୋଇ ସାହିତ୍ୟ ସଂସଦର ରୌପ୍ୟ ଜୟନ୍ତୀ ଓ ସନ୍ଥ କବି ଭୀମଭୋଇଙ୍କ ଜୟନ୍ତୀ ସମାରୋହ

**ସମ୍ବଲପୁର, ୨।୫(ସମିସ)**

ଭୀମଭୋଇ ସାହିତ୍ୟ ସଂସଦ ତାହାର ରୌପ୍ୟ ଜୟନ୍ତୀ ପାଳନ ଏବଂ ଭୀମଭୋଇଙ୍କ ଜୟନ୍ତୀ ଉତ୍ସବ ପାଳନ କରିଛି। ଉତ୍ସବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇ ସମ୍ବଲପୁର ମାଟିର ମହନୀୟତା ଓ ତାଙ୍କର ଭଲପାଇବା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡଃ ରଞ୍ଜନ କୁମାର ସେଠୀ ଯୋଗଦେଇ ମାନବବାଦୀ କବି ଭୀମଭୋଇ ସମାଜରେ ନ୍ୟାୟ, ଧର୍ମ ଓ ଆଧ୍ୟାତ୍ମିକତାର ପରିବେଶ ସୃଷ୍ଟି କରିବାରେ ସିଦ୍ଧହସ୍ତ ହୋଇଥିଲେ ବୋଲି ଆଲୋକପାତ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ଦୃଷ୍ଟିବାଧିତ ସହକାରୀ ପ୍ରଫେସର ଡଃ ବ୍ରହ୍ମାନନ୍ଦ ପାତ୍ରଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଉତ୍ସର୍ଗ' ଓ 'ସମ୍ବଲ' ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଆୟୋଜିତ ତର୍କ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧନୁପାଲିର ଛାତ୍ରୀ ଆଦ୍ୟାଶା ପଟ୍ଟନାୟକ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ଛାତ୍ରୀ ସ୍ନେହାମୟୀ ମହାପାତ୍ର ଦ୍ୱିତୀୟ ଓ ସେହି ବିଦ୍ୟାଳୟର ଛାତ୍ର ସିଦ୍ଧାର୍ଥ କୁମାର ତନ୍ତୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କବିତା ଆବୃତ୍ତି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧନୁପାଲିର ଛାତ୍ରୀ ଅନ୍ୱେଷା ପଣ୍ଡା ପ୍ରଥମ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସିଦ୍ଧେଶ୍ୱରବେର୍ଣ୍ଣାର ଛାତ୍ରୀ ସ୍ନେହାମୟୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ସମ୍ବଲପୁରର ଛାତ୍ର ଅଙ୍କୁଶ କୁମାର ପ୍ରଧାନ ପ୍ରଥମ ଓ ଶାଶ୍ୱତ ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧନୁପାଲିର ଛାତ୍ର ଆୟୁଷ ମନହୀରା ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ସିବିଏସି ଦଶମ ଶ୍ରେଣୀ ପରୀକ୍ଷାରେ ୯୯.୬% ମାର୍କ ରଖିଥିବା ଥିବା ଦିବ୍ୟରଞ୍ଜନ ମନ୍ଦୋଦରୀଙ୍କୁ ସାହିତ୍ୟ ସଂସଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆକାଶବାଣୀ ତଥା ଦୂରଦର୍ଶନ ଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ଓ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ମୋତିଲାଲ ଦୋରା ଭୀମଭୋଇଙ୍କ ଭଜନ ପରିବେଷଣକରିଥିଲେ। ସଂସଦର ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ଅଧକ୍ଷତାରେ ଡଃ ବିଜୟ କୁମାର ପ୍ରଧାନ ମଞ୍ଚ ପରିଚାଳନା ଏବଂ ଡଃ ସହଦେବ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସରୋଜ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଶେଷରେ ଗଙ୍ଗଦେବ ବର୍ଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଶେଷ ହେଲା ବୈଶାଖ ମେଳା**

# ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ପାଇକମାଳ, ୨।୫(ସମିସ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପୀଠରେ ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ପଡ଼ିବା ସହ ଛତିଶଗଡ଼, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୋନପୁର ଜିଲ୍ଲାରୁ ବହୁ ଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକମାନେ ଆସିଥିଲେ। ନୃସିଂହନାଥ ପାହାଡ଼ ଚଢି ହଜାର ହଜାର ଶ୍ରଦ୍ଧାଳୁ ହରିଶଙ୍କର ପୀଠକୁ ମଧ ଯାଉଥିଲେ। ହରିଶଙ୍କର ପୀଠରୁ ପାର୍ବତୀ ଗିରି ସେବାଶ୍ରମ ଠାରୁ ନୃସିଂହନାଥ ଓ ନୃସିଂହନାଥ ଠାରୁ ପାଇକମାଳ ରାସ୍ତାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼। ୧୧ଟା ସୁଦ୍ଧା ମନ୍ଦିର ପରିସର ଓ ପାଇକମାଳକୁ ବାହାରିବା ପାଇଁ ହଜାର ହଜାର ଗାଡ଼ି ମଟର ଯୋଗୁଁ ଶ୍ରଦ୍ଧାଳୁମାନେ ହଟାହଟା ହେବାକୁ





୫ ଦିନରେ ୧ଲକ୍ଷ ୨୫ ହଜାର ବୀଜ ମନ୍ତ୍ର ଜପ ସହ ୧୨ ହଜାର ଆହୁତି ଦିଆଯାଇଛି। ଶେଷ ଦିନରେ ନୃସିଂହ ଭଗବାନଙ୍କୁ ଦର୍ଶନ ପରି ଚତୁଃପାଶ୍ୱର୍ରେ ମନ୍ଦିର ପରିକ୍ରମା କରାଯାଇଥିଲା। ଶେଷରେ ଅପରାହ୍ନ ୨ ଟାରେ ପୂର୍ଣ୍ଣାହୁତି ହୋମ ଭୋଗ ଆଳତୀ ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସମେତ ୧୩ ଜଣ ଦକ୍ଷ ପଣ୍ଡିତମାନଙ୍କ ଦ୍ୱାରା ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ପାଇକମାଳ ଅଞ୍ଚଳବାସୀମାନେ ନୃସିଂହନାଥ ପାପହାରିଣୀ ଝରଣା ଗଣେଷ ଘାଟରେ କଳସ ବିସର୍ଜନ କରିଥିଲେ। ପ୍ରଭୁ ଶ୍ରୀମାର୍ଜାର କେଶରୀ ଜନ୍ମୋତ୍ସବ ଶେଷ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକମାନେ ଚାଲଧାର ଝରଣାରେ ବୁଡ଼ ପକାଇଥିଲ। ବୈଶାଖ ମେଳା ଶୁକ୍ରବାର ଶେଷ ଦିନ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପାହାଡ଼ ଚଢି ନୃସିଂହନାଥ ପୀଠକୁ ଆସି ପ୍ରଭୁ ମାର୍ଜାର କେଶରୀକୁ ଦର୍ଶନ କରି ଫେରିଥାନ୍ତି। ମିନା ବଜାର ସାଙ୍ଗକୁ ଦୋକାନ ବଜାର ଲୋକେ ଭିଡ଼ ଦେଖିବାକୁ ମିଳୁଥିଲା। ବୈଶାଖ ମେଳାର କମିଟି ସଦସ୍ୟମାନେ ନିଜ ନିଜର ଦାୟିତ୍ୱ ସମ୍ପାଦନ କରୁଥିଲେ। ପୁଲିସ ବିଭାଗ, ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ବିଭାଗ ତଥା ଦମକଳ ବିଭାଗ ନିଜ ନିଜ ଦାୟିତ୍ୱ ନିର୍ବାହ କରୁଥିଲେ। ବୈଶାଖ ମେଳା ଶେଷ ଦିନ ଥିବାରୁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇଉଠିଥିଲା।

## ଅସମ୍ଭାଳ ଭିଡ଼ରୁ ଶ୍ରଦ୍ଧାଳୁ ହଟାହଟା

**ପାଇକମାଳ:** ଶୁକ୍ରବାର ଦିନ ଥିଲା ଶ୍ରୀନୃସିଂହନାଥ ମାର୍ଜାର କେଶରୀଙ୍କ ଜନ୍ମୋତ୍ସବ। ଫଳରେ ହଜାର ହଜାର ଶ୍ରଦ୍ଧାଳୁ ଭିଡ ପରିଲକ୍ଷିତ ହୋଇଥିଲା। ପଡ଼ିଥିଲା। ଖବର ଜାଣିବା ପରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ଓ ପାଇକମାଳ ଓଆଇସି କୈଳାସଚନ୍ଦ୍ର ପ୍ରଧାନ ସମେତ ପୁଲିସ କର୍ମଚାରୀମାନେ ଘଟଣାସ୍ଥଳ ପହଞ୍ଚି ଯାତାୟତ ପାଇଁ ସୁବିଧା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।



## ୨୪ ଘଣ୍ଟିଆ ଜଳସେବା

**ପାଇକମାଳ:** ନୃସିଂହନାଥ ବୈଶାଖ ମେଳାରେ ଭକ୍ତମାନଙ୍କ ଭିଡ଼ ଦୃଶ୍ୟମାନ ଭାବେ ବଢ଼ିଥିଲା। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସୁବିଧା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟରେ ରଖି ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା। ବିଭାଗୀୟ ଏସଡିଓ ଦିବାକର ମୁନ୍ନା ଓ ବ୍ଲକ ଯନ୍ତ୍ରୀ ସତ୍ୟବ୍ରତ ମାଝୀଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ, ମେଳା ସମୟ ଦିନରାତି ୨୪ ଘଣ୍ଟା ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନଙ୍କୁ ସୁଦ୍ଧ ପାଣି ଉପଲବ୍ଧ କରାଇବା ପାଇଁ ମେଳା ପରିସରର ବିଭିନ୍ନ ସ୍ଥାନରେ ଜଳ ବଣ୍ଟନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପାଇପ ଲାଇନ୍, ଟ୍ୟାଙ୍କର ଓ ହାଣ୍ଡପମ୍ପ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା ସଚଳ ରଖାଯାଇଥିଲା। ଏହା ସହିତ, ଜଳର ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା ଓ ନିୟମିତ ଯାଞ୍ଚ ମାଧ୍ୟମରେ ସୁଦ୍ଧ ପାଣି ପ୍ରଦାନ କରାଯାଇଥିଲା। ବିଭାଗୀୟ କର୍ମଚାରୀମାନେ ମେଳା ପରିସରରେ ତଦାରଖ କରି ସମୟସମୟରେ ଆବଶ୍ୟକ ସମସ୍ୟାର ସମାଧାନ କରୁଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାଇକମାଳ:** ବୈଶାଖ ମେଳା ଉଦ୍‌ଯାପନୀ ଉତ୍ସବରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ମହାସମୁନ୍ଦ ପୂର୍ବତନ ସାଂସଦ ଚୁନ୍ନୀଲାଲ ସାହୁ, ବରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା, ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଉପସ୍ଥିତ ଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଅଶୋକ ବହିଦାର, ମନ୍ଦିର ସେବକ ଶଙ୍କର ଭୋଇ, କନ୍ଧ ସମାଜ ପ୍ରତିନିଧି ଅନିରୁଦ୍ଧ ମଲ୍ଲିକ, ବରିଷ୍ଠ ମନ୍ଦିର ସେବକ ନରସିଂହ ହୋତା ଓ ବିଶିଷ୍ଟ ସ୍ତମ୍ଭକାର ଓ ଗବେଷକ ସୁଶାନ୍ତ ମିଶ୍ରଙ୍କୁ ସମ୍ମାନୀତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ନୃସିଂହନାଥ ମନ୍ଦିର ମଧ୍ୟବର୍ତ୍ତୀ କାଳୀନ ଟ୍ରଷ୍ଟି ତଥା ପାଇକମାଳ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ଦେବାଶିଷ ସିହ୍ନା ଧନ୍ୟବାଦ ଦେଇଥିଲେ। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପୂର୍ବକ ଶେଷ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚର ଆରମ୍ଭ କରିଥିଲେ। ଆଜିରବୈଶାଖ ମେଳାରେ ଶେଷ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ହନୁମାନ ବାଟିକା ପଡ଼ିଆରେ ନୁନି ନୁ ଭୁଆସେନ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟ ପଦ୍ମପୁର, ଆଦିବାସୀ ନୃତ୍ୟ, ପଶ୍ଚିମ ଓଡ଼ିଶା ନୃତ୍ୟ ଏକାଡେମୀ, ଭବାନୀପାଟଣା, ସମ୍ବଲପୁରୀ ନୃତ୍ୟ ପଞ୍ଚମ ବଲାଙ୍ଗୀର, ଢେମସା ଗାୟତ୍ରୀ କଳା ସଙ୍ଗଠନ, ଚୁଟୁକୁଚୁଟା ବୋଧନ ସାଂସ୍କୃତିକ ଅନୁଷ୍ଠାନ ତୋରା ଅଂଶଗ୍ରହଣ କରିଥିବା ବେଳେ ଲୋକ ନାଟକ ଶ୍ରୀନୃସିଂହ ଚରିତ ମୂଷିକ ଦୈତ୍ୟ ଦରବାରରେ ପରିବେଷଣ ହୋଇଥିଲା। ସେହିପରି ବିନ୍ଧ୍ୟବାସିନୀ ମଞ୍ଚରେ ଜୟ ଜଗନ୍ନାଥ ଝିଅ ପାଲା ପାର୍ଟି ଟେମେରୀ, କେଜିଭିପି ମାଣ୍ଡୋସିଲ, ନୀଳମାଧବ ସଂକୀର୍ତ୍ତନ ମଣ୍ଡଳୀ, କୋକନରା ଦଳ ଅଂଶଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ।



**କ୍ରିଷ୍ଣା ବିକାଶ ସୁପର ସ୍ପେସିଆଲିଟି ହସ୍ପିଟାଲ୍**

# ନବଜାତ ଶିଶୁର ସଫଳ ଅସ୍ତ୍ରୋପଚାର



**ବରଗଡ଼, ୨।୫(ସମିସ):** କ୍ରୀଷ୍ଣା ବିକାଶ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍‌ସ, ଭାଲୁପାଲିର ଚିକିତ୍ସକ ଦଳ ଏକ ଦୁର୍ଲଭ ଓ ବିପଦଶଙ୍କୁଳ ଅବସ୍ଥାରେ ଥିବା ଜଣେ ଶିଶୁର ଜୀବନକୁ ସଫଳତାର ସହ ରକ୍ଷା କରିଛନ୍ତି। ହସ୍ପିଟାଲ୍‌ର ତଥ୍ୟ ଅନୁଯାୟୀ ରଶ୍ମିତା ସେଠ୍ ନାମ୍ନୀ ଜଣେ ମହିଳା ମାର୍ଚ୍ଚ ମାସ ୩୧ ତାରିଖରେ ପଦ୍ମପୁରର ଏକ ଘରୋଇ ହସ୍ପିଟାଲ୍‌ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁକୁ ନିଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବାରୁ ଚିକିତ୍ସା ପାଇଁ କ୍ରୀଷ୍ଣା ବିକାଶ ସମ୍ବଲପୁର ଏନ୍‌ଆଇସିୟୁରେ ଡ.ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଇଥିଲା।। ଶିଶୁର ଅବସ୍ଥା ବହୁତ ସଙ୍କଟପର୍ଣ୍ଣ ଥିବାରୁ ତାକୁ ଭେଟିଲେଟେଡ୍ ମେସିନ୍‌ରେ ରଖାଯାଇଥିଲା। ଏକ୍ସରେ ପରେ ଶିଶୁର କନଜେନିଟାଲ ଇଭେଟ୍ରରେସନ ରୋଗ ଥିବାର ଜଣା ପଡ଼ିଥିଲା। ଯେଉଁଥିରେ ଶିଶୁଟିର ଅନ୍ତନଳୀ ଏବଂ ଯକୃତ ପେଟ ସ୍ଥାନରେ ନ ରହି ଛାତି ଭିତରେ ରହିଥିଲା। ଏଭଳି ଅପରେସନ୍‌ରେ ବିଶ୍ୱସ୍ତରରେ ସଫଳତା ହାର ପ୍ରାୟ ୭୦-୮୦ ପ୍ରତିଶତ ରହିଥିବା ବେଳେ ତୁରନ୍ତ ଅସ୍ତ୍ରୋପଚାର ବିନା ଜୀବନ ବଂଚେଇବା ଥିଲା କଠିନ ଥିଲା। ବିଶେଷଜ୍ଞ ଶିଶୁ ସର୍ଜରୀ ଡାକ୍ତରଙ୍କ ଦ୍ୱାରା ଅପରେସନ୍ କରାଯାଇଥିଲା ଏବଂ ଏହା ସହିତ ଏନେସ୍ଥେସିଓଲୋଜିଷ୍ଟ ଡା. ପ୍ରିୟବ୍ରତ ମହାନ୍ତି ଓ ଡ. ଭାବ୍ୟାଙ୍କ ସହିତ ଏକ ସମ୍ପୂର୍ଣ୍ଣ ଦକ୍ଷ ଦଳ ସର୍ଜରୀର ସଫଳତା ଦିଗରେ କାର୍ଯ୍ୟ କରିଥିଲେ। ଅସ୍ତ୍ରୋପଚାର ପରେ ଏନ୍‌ଆଇସିୟୁରେ ଡ. ନିର୍ମଳ ଚନ୍ଦ୍ର ପ୍ରଧାନ (ବିଶେଷଜ୍ଞ ନିଓନେଟୋଲୋଜିଷ୍ଟ), ଡା. ଶୁଭଶ୍ରୀ ମିଶ୍ର (ଆର୍‌ଏମ୍‌ଓ) ସମସ୍ତ ନର୍ସିଂ ଷ୍ଟାଫ୍ ସଫଳତାର ସହ ଚିକିତ୍ସା କରିଥିଲେ ଏବଂ ୨୪ ଦିନ ପରେ ଶିଶୁଟି ସୁସ୍ଥ ହୋଇ ମାଆ କୋଳକୁ ପୁଣିଥରେ ଫେରିଥିଲା। ଚିକିତ୍ସକମାନେ କହିଛନ୍ତି ଦଳର ନିଷ୍ଠା, ସମନ୍ୱୟ ଓ ସଠିକ୍ ସମୟରେ ହୋଇଥିବା ଅସ୍ତ୍ରୋପଚାର ଶିଶୁକୁ ପୁନଃଜୀବନ ଦେଇଛି।

# ବର୍ଷେ ପରେ ବି ମିଳିନି ଚିକିତ୍ସା ଖର୍ଚ୍ଚ; ସହାୟତା ଅପେକ୍ଷାରେ ପୀଡ଼ିତ

**ମେଲଛାମୁଣ୍ଡା, ୨। ୫(ସମିସ):** ଜଙ୍ଗଲି ଭାଲୁ ଆକ୍ରମଣରୁ ମୃତ୍ୟୁମୁଖରୁ ଫେରିଆସିବା ହୁଏତ ଭାଗ୍ୟର କଥା, କିନ୍ତୁ ବଞ୍ଚିବା ପାଇଁ କରିଥିବା ଧାରକରଜ ଶୁଝିବାକୁ ବନ ବିଭାଗର ଦ୍ୱାରସ୍ଥ ହୋଇ ନିରାଶ ହେବା ଏକ ବଡ଼ ଦୁର୍ଭାଗ୍ୟ। ଏଭଳି ସମ୍ବେଦନଶୀଳ ଘଟଣା ବରଗଡ଼ ଜିଲ୍ଲା ଘେଁସ ରେଞ୍ଜ ଅନ୍ତର୍ଗତ ସନିମାଲ ପଞ୍ଚାୟତ ଡଙ୍ଗରକେର୍ମେଲି ଗ୍ରାମରେ ଦେଖିବାକୁ ମିଳିଛି। ଭାଲୁ ଆକ୍ରମଣର ବର୍ଷେ ପୁରିଥିଲେ ହେଁ, ପୀଡ଼ିତ ଗୋବିନ୍ଦ ଗିଙ୍ଗିରା ଆଜି ବି ସରକାରୀ ସହାୟତା ଅପେକ୍ଷାରେ ନୟାନ୍ତ ହେଉଛନ୍ତି। ଗତ ୨୦୨୫ ଏପ୍ରିଲ ମାସରେ ମହୁଲ ଫୁଲ ଗୋଟାଇବାକୁ ଯାଇଥିବା ବେଳେ ଗୋବିନ୍ଦଙ୍କୁ ଭାଲୁ ଅତର୍କିତ ଆକ୍ରମଣ କରିଥିଲା। ଗୁରୁତର ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ବନ ବିଭାଗ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଗରିବ ପରିବାର ପ୍ରାୟ ୪୦ ହଜାରରୁ ଊଜାର ଟଙ୍କା ଧାରଉର୍ଦ୍ଧାର କରି ଗୋବିନ୍ଦଙ୍କ ଚିକିତ୍ସା କରିଥିଲେ। କିନ୍ତୁ ଆଜି ସେହି ଟଙ୍କା ପାଇବା ତ ଦୂରର କଥା, ବିଭାଗୀୟ ଅଧିକାରୀମାନେ ତାଙ୍କୁ ଚିହ୍ନିବାକୁ ମଧ ନାରାଜ। ଚରମସୀମାରେ ବନବିଭାଗର ଅବହେଳା। ଅଭିଯୋଗ ମୁତାବକ, ଘେଁସ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲ ପୀଡ଼ିତଙ୍କ ସହ ସାକ୍ଷାତ କରୁନାହାନ୍ତି କି କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏନେଇ ରେଞ୍ଜର ଙ୍କୁ ଅନେକଥର ଯୋଗାଯୋଗ କରିବାକୁ ଚେଷ୍ଟା ପରେ ବି ସମ୍ଭବ ହୋଇପାରିନାହିଁ। ଫୋନ୍ କଲେ ବି ରେଞ୍ଜର ଫୋନ୍ ଉଠାଉ ନାହାଁନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଘଟଣା ଦିନ ରକ୍ତ ଜୁଡୁବୁଡୁ ଆହତଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ 'ତାଙ୍କୁ ଅଫିସ୍ ନେଇ ଆସ' କହି କର୍ତ୍ତବ୍ୟ ସାରି ଦେଇଥିଲେ ବନ କର୍ମଚାରୀ। ଯେତେବେଳେ ଦରକାର ଥିଲା ସେତେବେଳେ କେହି ପହଞ୍ଚିଲେନି, ଆଉ ଏବେ ହକ୍ ମାଗିଲେ ଅଧିକାରୀ ଶୁଣୁନାହାନ୍ତି ବୋଲି କହିଛନ୍ତି ଗୋବିନ୍ଦ ଗିଙ୍ଗିରା ଓ ତାଙ୍କ ସ୍ତ୍ରୀ। ବନ୍ୟଜନ୍ତୁ ସୁରକ୍ଷା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବିଭାଗ, ଜଣେ ଗରିବ ଶ୍ରମିକଙ୍କ ହକ୍ ମାରିବାକୁ କେମିତି ପ୍ରୟାସ କରୁଛି, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ବରଗଡ଼ ଜିଲ୍ଲାପାଳ ଏବଂ ଉପରିସ୍ଥ ବନ ଅଧିକାରୀ ହସ୍ତକ୍ଷେପ କରି ତୁରନ୍ତ ଗୋବିନ୍ଦଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଦାନ କରିବାକୁ ଦାବି ହେଉଛି।



# ଆଜିଠାରୁ ବରଗଡ଼ ଡିଷ୍ଟ୍ରିକ୍ଟ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବରଗଡ଼, ୨। ୫(ସମିସ):** ବରଗଡ଼ ଜିଲ୍ଲା କ୍ରିକେଟ୍ ଅସୋସିଏସନ୍ ଦ୍ୱାରା ଆୟୋଜିତ ବିଡିପିଏଲ୍ (ବିଡିପିଏଲ) ଅଷ୍ଟମ ସଂସ୍କରଣ ବିଡିପିଏଲ-୮ ଆସନ୍ତାକାଲି(ରବିବାର) ଠାରୁ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିଅମ୍‌ରେ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବରଗଡ଼ ଯୋଦ୍ଧା, ହ୍ୱାଇଟ୍ ହର୍ସ ଅତାବିରା, ବରଗଡ଼ ସ୍ମାର୍ଟାନ୍ସ, ମାଁ ସମଲେଶ୍ୱରୀ ଇଲେଭେନ୍, କ୍ରିଷ୍ଣା ବିକାଶ କ୍ରିକେଟ୍ କ୍ଲବ୍ ଭାଗ ନେଉଛନ୍ତି। ପ୍ରତିଯୋଗିତାକୁ ବରଗଡ଼ ଜିଲ୍ଲପାଳ ଆଦିତ୍ୟ ଗୋୟଲ ଓ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିବେ। ସମସ୍ତ ଖେଳାଳୀ, ଟିମ୍‌ର ଫ୍ରେଞ୍ଚାଇଜି, ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସମସ୍ତ ସଦସ୍ୟ ମା'ଶ୍ୟାମାକାଳୀ ମନ୍ଦିରରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ପୂଜାର୍ଚ୍ଚନା କରିବା ସହ ଶୋଭାଯାତ୍ରାରେ ବରଗଡ଼ ଥାନା ଛକ, ଏସ୍‌ପି ଅଫିସ ଛକ ଦେଇ ଷ୍ଟାଡିୟମ୍‌ରେ ପହଁଞ୍ଚିବା ପରେ ପ୍ରତିଯୋଗିତା ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହେବ। ବରଗଡ଼ ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ, କ୍ରିକେଟ୍ ପ୍ରେମୀ ଓ ଖେଳ ପ୍ରେମୀଙ୍କୁ ଆୟୋଜନରେ ବହୁ ସଂଖ୍ୟାରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଅନୁରୋଧ କରାଯାଇଛି। ମ୍ୟାଚ୍ ଗୁଡିକ ଆସନ୍ତା ୪ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ରେ ଫାଇନାଲ ମ୍ୟାଚ୍ ସହ ସମାପ୍ତ ହେବ। ପ୍ରତିଯୋଗିତା ଫ୍ଲଡ ଲାଇଟ୍ ରେ ରଙ୍ଗିନ ପୋଷାକ ଓ ଧଳା ବଲରେ ଅନୁଷ୍ଠିତ ହେବ।

## ପଦ୍ମପୁର ସାମ୍ବାଦିକ ୟୁନିଟ୍ ତରଫରୁ ପ୍ରତିବାଦ




**ପଦ୍ମପୁର, ୨।୫(ସମିସ):** ସାରା ରାଜ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ ତରଫରୁ ମଇ ୧ ତାରିଖକୁ ପ୍ରତିବାଦ ଦିବସ ଭାବରେ ପାଳନ କରୁଥିବା ବେଳେ ବରଗଡ଼ ସାମ୍ବାଦିକ ସଂଘ ପଦ୍ମପୁର ୟୁନିଟ୍ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପ୍ରତିବାଦ ଦିବସ ପାଳିତ ହୋଇଥିଲା। ଶନିବାର ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ହେମସାଗର ଭୋଇଙ୍କୁ ପେନସନ, ପ୍ରୋଟେକ୍ସନ୍‌ଓ ଆକ୍ରିଡେଶନ ସମେତ ୫ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଂଯୋଜକ ସୁଦାମ ପଧାନ, ବିଷ୍ଣୁ ପ୍ରସାଦ ବାଜପେୟୀ, ନୀଳକଣ୍ଠ ଦୀପ, କିରଟି ସାହୁ, ଅଶ୍ୱିନୀ ଧରୁଆ, ସୋମେଶ ମହାନ୍ତି, ଡିଲେଶ୍ୱର୍ ବାଗ୍, ଦେବାଶିଷ ପଟ୍ଟନାୟକ, ଶିବାଶିଷ ପଟ୍ଟନାୟକ, ନୀଳାମ୍ବର ଦୀପ ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ପାଇକମାଳ, ୨।୫(ସମିସ):** ପାଇକମାଳ ଥାନା ଟେମେରୀ ପଞ୍ଚାୟତ ନାଗଡ଼ିହି ଗାଁ ଯୁବକ ଡିଲେଶ୍ୱର ପଟେଲ (୨୧)ମହୁଲ ଗଛରେ ଝୁଲନ୍ତା ଶବ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ଟେମରୀ ପଞ୍ଚାୟତ ନାଗଡ଼ିହି ଗ୍ରାମର ଦୁର୍ଯ୍ୟୋଧନ ପଟେଲଙ୍କ ପୁଅ ଡିଲେଶ୍ୱର ଚାରିଛକ ନିକଟରେ ଥିବା ଏକ ମହୁଲ ଗଛରେ ନିଜ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏନେଇ ପାଇକମାଳ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବ ଉଦ୍ଧାର କରି ପଦ୍ମପୁର ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପାଇକମାଳ ଥାନାରେ ଅପମୃତ୍ୟୁ ମାମଲା ନଂ ୫/୨୬ ରେ ରୁଜୁ ତଦନ୍ତ ଚାଲିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ରକ୍ତଦାନ ଶିବିର



**ବରଗଡ଼, ୨। ୫(ସମିସ):** ବରଗଡ଼ ଜିଲ୍ଲା ସଦର ବ୍ଲକ ବୀରମାଲ ଗାଁରେ ସ୍ୱର୍ଗତ ପାଣ୍ଡବ ସାହୁ ଓ ବେଦମତି ସାହୁଙ୍କ ଗଙ୍ଗା ଶ୍ରାଦ୍ଧ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ବିରମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ସହ ବନମାଳୀ ସାହୁ ଓ ସନ୍ତୋଷୀନୀ ସାହୁ ଉଦ୍‌ଘାଟନ କରିଥିଲେ। ଯୁବ ରକ୍ତଦାତାମାନେ ରକ୍ତଦାନ କରିଥିବା ବେଳେ ରକ୍ତଦାନର ମହତ୍ତ୍ୱକୁ ନେଇ ଆଲୋଚନା କରଯାଇଥିଲା।

## ଗଇଲଗୁଡାରେ ପାଣିର ଉତ୍କଟ ଅଭାବ

**ପଦ୍ମପୁର, ୨।୫(ସମିସ):** ପଦ୍ମପୁର ଉପଖଣ୍ଡ ଖଲିଆପାଲି ପଞ୍ଚାୟତ ଗଇଲଗୁଡାଗ୍ରାମରେ ଗାଧୋଇବା ପାଣିର ଉତ୍କଟ ଅଭାବ ଦେଖାଦେଇଛି। ଗ୍ରାମରେ ଥିବା ଏକମାତ୍ର ପୋଖରୀରୁ ପାଣି ଶୁଖି ଯିବାକୁ ବସିଲାଣି। ପୁଣି ଉକ୍ତ ପୋଖରୀର ପାଣି ନୀଳ ରଙ୍ଗ ଧାରଣ କରି ମଇଳା ହୋଇପଡ଼ିଛି। ଫଳରେ ଲୋକଙ୍କ ଗାଧୋଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଲୋକେ ଗାଁରେ ଥିବା ନଳକୂପ ପାଣି ଉପରେ ନିର୍ଭର କରୁଛନ୍ତି। ହେଲେ ଏହା ଗାଧୋଇବା ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବା ଜଣାପଡ଼ିଛି। ଉକ୍ତ ପୋଖରୀରୁ ପଙ୍କୋଦ୍ଧାର ସହ ମାଟି ଖନନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

**ଅନ୍ତର୍ଜାତୀୟ ଶ୍ରମିକ ଦିବସ**

# ୧ କୋଟି ୯ ଲକ୍ଷ ୬୨ ହଜାର ୨୦୦ଟଙ୍କାର ସହାୟତା

**ବରଗଡ଼, ୨।୫(ସମିସ)**

ବରଗଡ଼ ଶ୍ରମ କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରତିନିଧି ସୁକାନ୍ତ ଦାସ ଯୋଗ ଦେଇ ଦେଶ ଗଠନରେ ଶ୍ରମିକଙ୍କର ଗୁରୁ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କ ଅବଦାନକୁ ସାଧୁବାଦ ଜଣାଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ ) ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ମିଳୁଥିବା ସହାୟତା ରାଶି ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ପ୍ରଦାନ କରା ଯାଉଥିବା ସହାୟତା ରାଶି ଯଥା ବିବାହ ସହାୟତା ରାଶି ବାବଦକୁ ୨୦ଜଣ ଶ୍ରମିକଙ୍କୁ ୧୦ଲକ୍ଷ ଟଙ୍କା, ମୃତ୍ୟୁ ସହାୟତା ରାଶି ବାବଦକୁ ୩୦ ଜଣଙ୍କୁ ୮୭, ୦୦୦୦୦ଟଙ୍କା, ଅନ୍ତ୍ୟେଷ୍ଟି କାଳୀନ ସହାୟତା ରାଶି ବାବଦକୁ ୩୦ ଜଣଙ୍କୁ ୧, ୫, ୦୦୦୦ଟଙ୍କା, ଶିକ୍ଷା ସହାୟତା ରାଶି ବାବଦକୁ ୧୩୨ ଜଣଙ୍କୁ ୧୦, ୯୨, ୨୦୦ଟଙ୍କାକୁ ମିଶାଇ ଜିଲ୍ଲାର ୨୧୨ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ୧ କୋଟି ୯ଲକ୍ଷ ୬୨ ହଜାର ୨୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ଏତତ୍ ବ୍ୟତୀତ ୧୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ ସହ ଓଡ଼ିଆ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଜଣେ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ନିମିତ୍ତ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ୨୫୦ରୁ ଅଧିକ ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକ, ଉପସ୍ଥିତ ଥିବା ସହ ବରଗଡ଼ ଶ୍ରମ କାର୍ଯ୍ୟାଳୟର ସମସ୍ତ ଅତିରିକ୍ତ ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ, ମାନଭଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଧନ୍ୟବାଦ ଅର୍ପଣ କରିଥିଲେ।



## ବାଇକ୍ ରାଲି

**ଅତାବିରା:** ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ଆନୁକୂଲ୍ୟରେ ଅତାବିରା ଇଲେକ୍ଟ୍ରିକାଲ ଉପଖଣ୍ଡରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅତାବିରା ଦୁର୍ଗା ମନ୍ଦିର ଠାରୁ ଲାଦେରପାଲି ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଶ୍ରମିକ ନେତା ସୁଶୀଲ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ଉପସଭାପତି ବିଶ୍ୱନାଥ ସାହୁ, ଯୁଗ୍ମ ସମ୍ପାଦକ ପ୍ରତୁଳ ମହାରଣା, ବିଦ୍ୟୁତ୍ କର୍ମଚାରୀ ସଂଘର ଉପସଭାପତି ପୂର୍ଣ୍ଣେନ୍ଦୁ ସାହୁ, ଶଶାଙ୍କ ଶେଖର ନାୟକ, ମହେନ୍ଦ୍ର ଏକ୍କା, ସୁଶାନ୍ତ ପ୍ରଧାନ, ସରୋଜ ବେହେରା, ଆଲୋକ ପ୍ରଧାନ, ରାମବାବୁ ପ୍ରମୁଖ ପରିଚାଳନାରେ ରହିଥିଲେ। ଅନୁନ୍ୟ ୨୦୦ କର୍ମଚାରୀ ସାମିଲ ହୋଇଥିଲେ।

## ଗୋଡଭଗା ହେମାଲି ସଂଘ

**ଅତାବିରା:** ଅତାବିରା ଓଏସଡବ୍ଲ୍ୟୁସି ଓ ଗୋଡଭଗା ଓଏସଡବ୍ଲ୍ୟୁସି ହେମାଲି ସଂଘ ପକ୍ଷରୁ ଗୋଡଭଗା ଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅବସର ନେଇଥିବା ଡିପୁ ମେନେଜର ରାହୁଲ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆୟୋଜିତ ସଭାରେ ସଂଘ ସଭାପତି ମୁକେନ୍ ଷଣ୍ଢ ସଭାପତିତ୍ୱ କରିଥିଲେ। ଗୋଡଭଗା ଡିପୁ ମେନେଜର ଚୈତନ୍ୟ ଛତରିଆ ଓ ଅତାବିରା ଡିପୁ ମେନେଜର ଚାନ୍ଦିନୀ ଦିଗଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଗେନପାଲି ଡିପୁ ସର୍ଦ୍ଦାର ପ୍ରଶାନ୍ତ ଜୟ ସିଂ, ଅତାବିରା ଡିପୁ ସର୍ଦ୍ଦାର ଅଚ୍ୟୁତ ପଟେଲ, ମହାସଂଘ ସଭାପତି ତଥା ଝାରସୁଗୁଡା ଡିପୁ ସର୍ଦ୍ଦାର ଶର୍ମା ମିଞ୍ଜ, ସୁନ୍ଦରଗଡ଼ ଡିପୁ ସର୍ଦ୍ଦାର ପ୍ରଫୁଲ୍ଲ ରୋହୀଦାସ, ବରଗଡ଼ ଡିପୁ ସର୍ଦ୍ଦାର ଗୁରୁଦେବ ସାହୁ, ପଦ୍ମପୁର ଡିପୁ ସର୍ଦ୍ଦାର ସତ୍ୟ ଜଗଦଲା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।





